## ଆୟୁଷ ହସ୍ପିଟାଲ କାର୍ଯ୍ୟକ୍ଷମରେ ଅହେତୁକ ବିଳମ୍ବ

# ଛଅ ବର୍ଷ ପରେ ବି ସମ୍ପୂର୍ଣ୍ଣ ହେଲାନି କୋଠା

ବ୍ରହ୍ମପୁର,୨।୧(ସମିସ)



● ଅପେକ୍ଷାରତ ଶତାଧିକ ରୋଗୀ
● ଏଯାଏ ବିଦ୍ୟୁତ୍ ସଂଯୋଗ ହୋଇନି

ସମଗ୍ର ଦକ୍ଷିଣ ଓଡ଼ିଶାର ସ୍ୱତନ୍ତ୍ର ହସ୍ପିଟାଲ ଭାବରେ ବିବେଚିତ ହେବାକୁ ଥିବା ଆୟୁଷ ହସ୍ପିଟାଲ କାର୍ଯ୍ୟକ୍ଷମରେ ଅହେତୁକ ବିଳମ୍ବ ହେଉଛି। କୋଠା ନିର୍ମାଣକୁ ଦୀର୍ଘ ୫ବର୍ଷରୁ ଅଧିକ ସମୟ ବିତିଯାଇଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଶେଷ ହୋଇପାରିଲା ନାହିଁ। ଯାହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। କେନ୍ଦ୍ର ସରକାରଙ୍କ ଆୟୁଷ ମନ୍ତ୍ରାଳୟ ପକ୍ଷରୁ ଗଞ୍ଜାମ ଜିଲ୍ଲା ସମେତ ବାଲେଶ୍ୱର ଓ ଢେଙ୍କାନାଳ ଜିଲ୍ଲାରେ ଆୟୁଷ ହସ୍ପିଟାଲ ପ୍ରତିଷ୍ଠା ନେଇ ଘୋଷଣା କରାଯାଇଥିଲା। ସେହିକ୍ରମେ ଜିଲ୍ଲାରେ ୫୦ଶଯ୍ୟା ବିଶିଷ୍ଟ ଏକ ଆୟୁଷ ହସ୍ପିଟାଲ ନିର୍ମାଣ ନିମନ୍ତେ ଗତ ୨୦୧୬ମସିହାରେ ନିଷ୍ପତ୍ତି ହୋଇଥିବା ବେଳେ ଜାଗା ସ୍ଥିର କରିବାକୁ ଜିଲ୍ଲା ପ୍ରଶାସନ ୨୦୧୬ମସିହାଠାରୁ ୨୦୨୧ମସିହା ଲାଗିଥିଲେ। ଶେଷରେ ୨୦୨୧ମସିହା ମାର୍ଚ୍ଚ ମାସରେ ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ କରାପଲ୍ଲୀ ହସ୍ପିଟାଲ ଚିହ୍ନଟ କରାଯାଇଥିଲା। ଏଥିମଧ୍ୟରେ ୬ବର୍ଷ ବିତିସାରିଥିବା ବେଳେ ଆୟୁଷ ଡାକ୍ତରଖାନାର ନିର୍ମାଣ କାମ ଏଯାଏ ଶେଷ ହୋଇପାରୁନାହିଁ।

ଅନ୍ୟପକ୍ଷରେ ଆୟୁର୍ବେଦ ଚିକିତ୍ସା ସହ, ଯୋଗ ପ୍ରକ୍ରିୟାରେ ଚିକିତ୍ସା, ୟୁନାନୀ, ଏବଂ ହୋମିଓପ୍ୟାଥି ଚିକିତ୍ସା ପ୍ରକ୍ରିୟାରେ ଚିକିତ୍ସା ସେବା ପାଇବାକୁ ଶତାଧିକ ରୋଗୀ ଅପେକ୍ଷାରେ ରହିଛନ୍ତି। ଏହି ହସ୍ପିଟାଲ କାର୍ଯ୍ୟକ୍ଷମ ଦ୍ୱାରା ସାଧାରଣତଃ ନନ୍ କମ୍ୟୁନିକେସନ ଡିଜିଜ(ଅନସିଡି) ରୋଗରେ ଆକ୍ରାନ୍ତ ହେଉଥିବା ରୋଗୀମାନେ ଅଧିକ ଉପକୃତ ହୋଇ ପାରିଥାନ୍ତେ। ଏହି ଚିକିତ୍ସା ପ୍ରକ୍ରିୟା ଦ୍ୱାରା ବହୁବ୍ୟକ୍ତି ଦୁଃସାଧ ବ୍ୟାଧିରୁ ମୁକ୍ତି ପାଇପାରିଥାନ୍ତେ। ଏଲୋପାଥି ଭଳି ରୋଗୀମାନେ ଖର୍ଚ୍ଚାନ୍ତ ହେବାକୁ ପଡ଼ିନଥାନ୍ତା। ୫୦ଶଯ୍ୟା ବିଶିଷ୍ଟ ହସ୍ପିଟାଲ ପ୍ରତିଷ୍ଠା ନେଇ ପ୍ରାୟ୧୨.୫ କୋଟି ଟଙ୍କା ବ୍ୟୟରେ ହୋଇଥିବା ବେଳେ ପୂର୍ବରୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅନୁଦାନ ପ୍ରଦାନରେ ବିଳମ୍ବ ଯୋଗୁ ପ୍ରକଳ୍ପ କାର୍ଯ୍ୟ ଅଧପନ୍ତରିଆ ହୋଇ ପଡ଼ିରହିଥିଲା। କିନ୍ତୁ ବର୍ତ୍ତମାନ କୋଠା ନିର୍ମାଣର ସବୁ କାମ ଶେଷ ହେବା ସହ ଅତ୍ୟାଧୁନିକ ସାଜସଜ୍ଜା ବ୍ୟବହାର ଯୋଗ୍ୟ ହୋଇଛି। କିନ୍ତୁ ବିଦ୍ୟୁତ୍ ଯୋଗାଣ ସମସ୍ୟା କାରଣରୁ କୋଠା ହସ୍ତାନ୍ତର କାର୍ଯ୍ୟ ସମ୍ପାଦନ ହୋଇପାରୁନି। ସେହିପରି କାର୍ଯ୍ୟ ଶେଷ ହୋଇନଥିବା ଯୋଗୁ ଡାକ୍ତରଖାନା ନିମନ୍ତେ ଆବଶ୍ୟକ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ଓ ନିଯୁକ୍ତି ପ୍ରକ୍ରିୟା ମଧ୍ୟ ଅନିଶ୍ଚିତତା ଘେରରେ ରହିଛି। ଅନ୍ୟପକ୍ଷରେ ସପ୍ତାହକ ମଧ୍ୟରେ କୋଠାକୁ ହସ୍ତାନ୍ତର କରାଯିବ ନେଇ ଲକ୍ଷ୍ୟ ରହିଥିବା ବେଳେ ବିଦ୍ୟୁତିକରଣ ବ୍ୟବସ୍ଥା ବି ଶେଷ ପର୍ଯ୍ୟାୟରେ ରହିଥିବା ପୂର୍ତ୍ତ ବିଭାଗ-୨ର ଅଧୀକ୍ଷକ ଯନ୍ତ୍ରୀ ସନ୍ଦୀପ୍ତ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

## ଦୁର୍ଘଟଣାରେ ଇଞ୍ଜିନିୟରିଂ ଛାତ୍ରଙ୍କ ମୃତ୍ୟୁ



ବେଲଗୁଣ୍ଠା,୨।୧(ସମିସ): ନୂତନ ବର୍ଷରେ ବେଲଗୁଣ୍ଠା ଅଞ୍ଚଳର ଜଣେ ଇଞ୍ଜିନିୟରିଂ ଛାତ୍ରଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ମୃତକ ହେଲେ ବେଲଗୁଣ୍ଠା କୋଳିସାହିର ଏସ୍ ବରୁଣ କୁମାର (୨୦)। ସେ କୌଣସି କାମରେ ବାଇକ୍‌ରେ ଜଗନ୍ନାଥପ୍ରସାଦ ଯାଇ ଫେରିବା ବେଳେ ବେଲଗୁଣ୍ଠା ନିକଟସ୍ଥ ଉଡୁରା-କୋକଲୁଣ୍ଡା ମଝି ରାସ୍ତାରେ ବେଲଗୁଣ୍ଠା ପଟୁ ଯାଉଥିବା ଏକ ଅଟୋ ସହ ଧକ୍କା ହୋଇଥିଲା। ଫଳରେ ବରୁଣ ବାଇକ୍ ସହିତ ରାସ୍ତା କଡ଼କୁ ଛିଟିକି ପଡ଼ିଥିବା ବେଳେ ଅଟୋଟି ମଧ୍ୟ ରାସ୍ତା ଉପରେ ଓଲଟି ପଡ଼ିଥିଲା। ଅଟୋରେ ଥିବା ଜଣେ ଶିଶୁ ଏବଂ ମହିଳା ସାମାନ୍ୟ ଆହତ ହୋଇଥିବା ବେଳେ ବରୁଣଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଆମ୍ବୁଲାନ୍ସ ଯୋଗେ ଅଟୋରେ ବସିଥିବା ଆହତ ମହିଳା ଏବଂ ଶିଶୁକୁ ବେଲଗୁଣ୍ଠା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ଗୁରୁତର ବରୁଣଙ୍କୁ ଭଞ୍ଜନଗର ମେଡିକାଲ୍‌ରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ବରୁଣଙ୍କୁ ବ୍ରହ୍ମପୁର ନେବାକୁ ପରାମର୍ଶ ଦେଇଥିଲେ। ବରୁଣଙ୍କୁ ବ୍ରହ୍ମପୁର ସ୍ଥାନାନ୍ତରବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ଆସିକା ମେଡିକାଲ୍‌ରେ ଡ଼ାକ୍ତର ବରୁଣଙ୍କୁ ମୃତ ଘୋଷଣା କରିଥିଲେ। ଆସିକା ମେଡିକାଲରେ ଶବ ବ୍ୟବଚ୍ଛେଦ ପରେ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଥିଲା। ଏନେଇ ବେଲଗୁଣ୍ଠା ଥାନାରେ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ କରୁଛି।

● ଆନ୍ତଃ ରାଜ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ଗଞ୍ଜାମ ମହିଳା କ୍ରିକେଟ୍ ଆସୋସିଏସନ ବିଜୟୀ




ରମ୍ଭା,୨।୧(ସମିସ): ସ୍ଥାନୀୟ ମିନି ଷ୍ଟାଡିୟମ୍ ପରିସରରେ ରମ୍ଭା କପ୍ ସିଜନ-୪ ପକ୍ଷରୁ ଆନ୍ତଃରାଜ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଜାରି ରହିଛି। ଟୁର୍ଣ୍ଣାମେଣ୍ଟର ଏକାଦଶ ଦିବସରେ ଗଞ୍ଜାମ ମହିଳା କ୍ରିକେଟ ଆସୋସିଏସନ ଓ ପୁରୀ ମହିଳା କ୍ରିକେଟ ଆସୋସିଏସନ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା।

ଏହି ଅବସରରେ ରମ୍ଭା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଆଶାଲତା ରଟମାଳା, ଗଞ୍ଜାମ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ଅଧ୍ୟକ୍ଷା ପ୍ରତିନିଧି ସୁରଥ ପ୍ରାଧନ ଏବଂ ବିଧାୟକ ପ୍ରତିନିଧି ମାନସ ରଞ୍ଜନ ନାହାକଙ୍କୁ ସମ୍ବର୍ଦ୍ଧିତା କରାଯାଇଥିଲା। ରମ୍ଭା କ୍ରିକେଟ କ୍ଲବ ସଭାପତି ସୀମାଞ୍ଚଳ ବାଡାତ୍ୟା, ସମ୍ପାଦକ ବିବେକାନନ୍ଦ ପଟ୍ଟନାୟକ, ଟୁର୍ଣ୍ଣାମେଣ୍ଟ ସଂଗଠକ ସଭାପତି ଟି. ବାପୁଜୀ ସୁବୁଦ୍ଧି ଏବଂ ପୁରୀର ଅଭିଭାବକ ପ୍ରମୁଖ ମଞ୍ଚାସିନ ରହିଥିଲେ।

ପୁରୀଟିମ୍ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ବିନିମୟରେ ୧୨୨ ରନ କରିଥିଲା। ଜବାବରେ ଗଞ୍ଜାମ ଟିମ୍ ଅଧିନାୟିକା ଜୁଲି ବେହେରା ୬ଟି ବଲ ହାତରେ ରଖି ୬ ୱିକେଟ ବିନିମୟରେ ସହଜ ବିଜୟ ହାସଲ କରିଥିଲେ। ଗଞ୍ଜାମ ଦଳ ପକ୍ଷରୁ ମିନତୀ ବେହେରା ୪୩ ବଲରେ ୩୯ ରନ କରି ମ୍ୟାନ୍ ଅଫ୍ ଦି ମ୍ୟାଚ ଘୋଷିତ ହୋଇଥିଲେ। ଆସନ୍ତା ୪ରେ ରମ୍ଭା କ୍ରିକେଟ କ୍ଲବ ସହ ଆଇସିସି ଇଚ୍ଛାପୁରମ୍ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

● ନାତୁଣୀଙ୍କୁ ଦୁର୍ବ୍ୟବହାରର ପ୍ରତିବାଦ କରିବାରୁ ବୃଦ୍ଧଙ୍କୁ ହତ୍ୟା ଘଟଣା

## ୨ ଗିରଫ, କାଠଖଣ୍ଡ ଜବତ; ଦୁଷ୍କର୍ମ ଅଭିଯୋଗ ନେଇ ଏତଲା





ଦିଗପହଣ୍ଡି,୨।୧(ସମିସ): ଦିଗପହଣ୍ଡି ବ୍ଲକ ଚଷାନିମଖଣ୍ଡି ପଞ୍ଚାୟତରେ ଜଣେ ବୃଦ୍ଧଙ୍କୁ ଗୁରୁବାର ସକାଳେ ହତ୍ୟା କରାଯାଇଥିଲା। ଗତ ମଙ୍ଗଳବାର ରାତି ପ୍ରାୟ ୯ ଟାରେ ତାଙ୍କ ନାତୁଣୀ ଗୁହାଳ ଘରେ କାମ କରୁଥିବାବେଳେ ଶିବ ଟେକିନେଇ ଦୁଷ୍କର୍ମ କରିଥିଲେ। ଗୁରୁବାର ସକାଳେ ଘଟଣାର ପ୍ରତିବାଦ କରିବାରୁ ବୃଦ୍ଧଙ୍କ ପଡୋଶୀ ଶିବ ଓରଫ ଶିବ ଶଙ୍କର ଗୌଡ଼ ଏବଂ ତାଙ୍କ ସମ୍ପର୍କୀୟ ଚିକୁନ ଗୌଡ଼ ମିଶି ତାଙ୍କ ଘର ସମ୍ମୁଖରେ ଏକ କାଠ ଫାଳିଆରେ ପିଟି ଲହୁଲୁହାଣ କରିଥିଲେ। ଗୁରୁତର ବୃଦ୍ଧଙ୍କୁ ପରିବାର ଲୋକେ ଦିଗପହଣ୍ଡି ମେଡିକାଲରେ ନେଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ମେଡିକାଲରୁ ତାଙ୍କ ଶବ ଜବତ କରି ପଞ୍ଚନାମା ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଥିଲେ। ବୃଦ୍ଧଙ୍କ ପୁଅଙ୍କ ଏତଲା ଆଧାରରେ ପୁଲିସ ହତ୍ୟା ମାମଲା ରୁଜୁକରି ତଦନ୍ତକାରୀ ଅଧିକାରୀ ତଥା ଆଇଆଇସି ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ରକ୍ତ ଲାଗିଥିବା ମାଟି, ମୃତକଙ୍କ ଲୁଗା, ଅଭିଯୁକ୍ତ ଦ୍ୱୟଙ୍କ ସାର୍ଟ, ପ୍ୟାଣ୍ଟ ଏବଂ ହତ୍ୟାକାଣ୍ଡରେ ବ୍ୟବହୃତ କାଠଖଣ୍ଡ ଜବତ କରିଥିଲେ। ପରେ ଅଭିଯୁକ୍ତ ଦ୍ୱୟଙ୍କ ଘରେ ଚଢ଼ଉ କରି ଉଭୟଙ୍କୁ ଥାନାକୁ ଉଠାଇ ନେଇଥିଲେ। ଉଭୟଙ୍କୁ ଜେରା ପରେ ଉଭୟେ ନିଜ ନିଜର ଦୋଷ ସ୍ୱୀକାର କରିଥିବା ଆଇଆଇସି କହିଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ଦ୍ୱୟଙ୍କୁ ଶୁକ୍ରବାର ତଦନ୍ତକାରୀ ଅଧିକାରୀ ତଥା କେ.ନୂଆଗାଁ ଥାନା ଆଇଆଇସି କିଶୋର କୁମାର ସାମଲ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତ ଦ୍ୱୟଙ୍କୁ ଦିଗପହଣ୍ଡି ଉପ କାରାଗାରକୁ ପଠାଇ ଦିଆଯାଇଛି। ଅପରପକ୍ଷରେ ଦୁଷ୍କର୍ମ ପୀଡ଼ିତା ଶୁକ୍ରବାର ଅଭିଯୁକ୍ତ ଶିବଙ୍କ ବିରୋଧରେ ଏତଲା ଦେଇଛନ୍ତି। ଏତଲାକୁ ଭିତ୍ତିକରି ପୁଲିସ ଏକ ମାମଲା (ନଂ.୨/୨୬) ଦଫା - ୬୫(୧)/୩(୫) ଭାରତୀୟ ନ୍ୟାୟ ସଂହିତା ଏବଂ ପୋକ୍‌ସୋ ଆଇନର ଧାରା - ୪ ଅନୁଯାୟୀ ମକଦ୍ଦମା ରୁଜୁ କରାଯାଇଛି। ତଦନ୍ତକାରୀ ଅଧିକାରୀ ଚିକିଟି ଫାଣ୍ଡି ଏସ୍‌ଆଇ ଗୌତମ ସାହୁ ପୀଡ଼ିତାଙ୍କ ବୟାନ ରେକର୍ଡ କରିଛନ୍ତି। ଶନିବାର ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଯିବା ପରେ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ବୟାନ ରେକର୍ଡ କରାଯିବ ବୋଲି ପୁଲିସ କହିଛି।







## ଯୁବକଙ୍କୁ ଆକ୍ରମଣ; ଜଣେ ଗିରଫ

ବୁଗୁଡା,୨।୧(ସମିସ): ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ଅରଖପୁର ଗ୍ରାମରେ ଜନୈକ ଯୁବକଙ୍କୁ ଆକ୍ରମଣ ଅଭିଯୋଗରେ ସେହି ଗ୍ରାମର ଜଣେ ଯୁବକଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ଆହତ ଯୁବକ ଜଣକ ହେଲେ ବେଲଗୁଣ୍ଠା ଗ୍ରାମର କାହ୍ନୁ ଚରଣ ପତି(୨୧) ଏବଂ ଗିରଫ ଅଭିଯୁକ୍ତ ଜଣକ ଅରଖପୁର ଗ୍ରାମର ପ୍ରଭାତ ଭୂୟାଁ। ପୁଲିସ ଏକ ମାମଲା ରୁଜୁ କରିଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା କହିଛନ୍ତି।

ପ୍ରକାଶ ଯେ, କାହ୍ନୁ ନୂଆବର୍ଷର ପ୍ରଥମ ଦିନରେ ତାଙ୍କ ବଡ଼ମା' ଘର ଅରଖପୁର ଯାଇଥିଲେ। ସେହି ଗାଁରେ ମାତାଲ ଅବସ୍ଥାରେ ଥିବା ପ୍ରଭାତ ତାଙ୍କୁ ଗାଳିଗୁଲଜ କରିଥିଲା। କାହ୍ନୁ ପ୍ରତିବାଦ କରିବାରୁ ପ୍ରଭାତ ତାଙ୍କୁ ଆକ୍ରମଣ କରିଥିଲା। ଏହା ଫଳରେ କାହ୍ନୁ ଆହତ ହୋଇଥିଲେ। ଏନେଇ କାହ୍ନୁ ପୁଲିସରେ ଅଭିଯୋଗ କରିବା ପରେ ବାଲିପଦର ଫାଣ୍ଡି ଅଧିକାରୀ କେ.ନିଳାଦ୍ରୀ ରେଡି ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।

## ବିଧାୟକଙ୍କ ଦ୍ୱାରା କାନାରା ବ୍ୟାଙ୍କ ଶାଖା ଉଦ୍‌ଘାଟିତ



ପାତ୍ରପୁର,୨।୧(ସମିସ): ପାତ୍ରପୁର ରାମମନ୍ଦିର ବଜାର ନିକଟରେ ଥିବା କାନରା ବ୍ୟାଙ୍କ ଶାଖାକୁ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଶୁକ୍ରବାର ଉଦଘାଟନ କରିଛନ୍ତି। ସମ୍ମାନିତ ଅତିଥି ଭାବେ ଜେନେରାଲ ମ୍ୟାନେଜର ସୁମନ ଚକ୍ରବର୍ତ୍ତୀ, ବ୍ରହ୍ମପୁର ଆଞ୍ଚଳିକ ଶାଖା ପରିଚାଳକ ଶେଖ୍ ମହେବୁବ ସାଂସଦ ପ୍ରତିନିଧି ମୀନା ଦ୍ୟାନ ସାମନ୍ତରା ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ପୂର୍ବରୁ ବ୍ୟାଙ୍କ୍ ଉପର ମହଲାରେ ରହିଥିବା ବେଳେ ଏହାକୁ ସ୍ଥାନାନ୍ତର ପାଇଁ ନିଷ୍ପତ୍ତି ହୋଇଥିବା ଜଣାପଡିଥିଲା। ପରେ ଶ୍ରୀରାମ ବଜାର ସଂଘ ପକ୍ଷରୁ ଏହାକୁ ବିରୋଧ କରି ଏଠାରେ ହିଁ ବ୍ୟାଙ୍କ୍ ରଖିବା ପାଇଁ ଦାବି କରିଥିବା ବେଳେ ଆଜି ଏହାକୁ ତଳ ମହଲାକୁ ସ୍ଥାନାନ୍ତରିତ ହୋଇଛି। କାର୍ଯ୍ୟକ୍ରମରେ ୱାଇ. ମୋହନ ରାଓ, ପାତ୍ରପୁର ବ୍ଲକ ଉପାଧ୍ୟକ୍ଷ ଅନାଦି ଚରଣ ପଣ୍ଡିତ, ସରପଞ୍ଚ, ଜୟନ୍ତୀପୁର ସମିତି ସଭ୍ୟ ବାଲାଜୀ ପାଢ଼ୀ, ସାମନ୍ତିଆପଲ୍ଲୀ ସମିତି ସଭ୍ୟ ପ୍ରଶାନ୍ତ ସାହୁ, ପାତ୍ରପୁର ଶାଖା ବ୍ୟାଙ୍କ ମ୍ୟାନେଜର ଅମୀୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ବ୍ୟାଙ୍କ୍ ପାତ୍ରପୁରକୁ ପୌଷ୍ୟ ଗ୍ରାମ ଘୋଷଣା କରିଥିବା ବେଳେ ମୁକ୍ତାକାଶ ବ୍ୟାୟାମ କେନ୍ଦ୍ର ନିର୍ମାଣ ନିମନ୍ତେ ୧୦ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ନୂତନ ଶାଖାର ଉଦଘାଟନରେ ପାତ୍ରପୁର ଅଞ୍ଚଳ ବହୁ ସାଧାରଣ ଲୋକେ ସାମିଲ ହୋଇଥିବା ବେଳେ ପାର୍ଥପ୍ରତିମ୍ ପାଢ଼ୀ ମଞ୍ଚ ପରିଚାଳନା କରିଥିଲେ।




## ରାତିକରେ ଦୁଇ ସ୍କୁଲରୁ ଚୋରି

ରଙ୍ଗେଇଲୁଣ୍ଡା,୨।୧(ସମିସ): ନୂଆବର୍ଷ ରାତିରେ ଗୋଳନ୍ଥରା ଥାନା ଅଞ୍ଚଳରେ ଦୁଇଟି ବିଦ୍ୟାଳୟରୁ ଚୋରି ହୋଇଛି। ଦାସପୁର ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଦୁର୍ବୃତ୍ତ କମ୍ପ୍ୟୁଟର, ୧୫ରୁ ଉର୍ଦ୍ଧ୍ୱ ଚେୟାର, ଖେଳ ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେଇଛନ୍ତି। ଶିକ୍ଷକ ଶିକ୍ଷୟିତ୍ରୀ ଶୁକ୍ରବାର ସକାଳୁ ଆସି ଜାଣିବା ପରେପ୍ରଧାନ ଶିକ୍ଷୟିତ୍ରି ସୁଜାତା ନାୟକ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ବିଦ୍ୟାଳୟରୁ ପୂର୍ବରୁ ଦୁଇଥର ଚୋରି ହୋଇଥିଲା। ସେହିପରି କନିଷି ହାଟସ୍ଥିତ ବ୍ଲକ କଲୋନୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଦୁର୍ବୃତ୍ତ ଦୁଇଟି କମ୍ପ୍ୟୁଟର, ପ୍ରିଣ୍ଟର, ବ୍ୟାଟେରି, ହାର୍ଡଡିସ୍କ ଓ ଅନ୍ୟ ସାମଗ୍ରୀ ଚୋରି କରି ନେଇଥିବା ପ୍ରଧାନଶିକ୍ଷୟିତ୍ରି ପି.ପଦ୍ମା ଗୋଳନ୍ଥରା ଥାନାରେ ଅଭିଯୋଗ କରିଛନ୍ତି। ଦୁଇଟି ମାମଲା ରୁଜୁ କରି ପୁଲିସ ତଦନ୍ତ ଆରମ୍ଭ କରିଛି।

## ପୂର୍ବ ଶତ୍ରୁତାରୁ ଗୋଷ୍ଠୀ ସଂଘର୍ଷ ଘଟଣାରେ ଜଣେ ମୃତ

କୋଦଳା,୨।୧(ସମିସ): ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗତ ୧୨ ଡିସେମ୍ବରରେ ଘଟିଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ବାଦପଲ୍ଲୀ ଗ୍ରାମର ଭଗବାନ ସ୍ୱାଇଁ। ସେ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସାଧୀନ ଥିଲେ। ଘଟଣା ଦିନ ଉଭୟ ଗୋଷ୍ଠୀର ଛୁରା ମାଡ଼ରେ ୪ ଜଣ ଆହତ ହୋଇଥିବା ବେଳେ ସେଥିମଧ୍ୟରୁ ଭଗବାନ ଗୁରୁତର ଆହତ ହୋଇ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି ହୋଇଥିଲେ।

ସୂଚନାଯୋଗ୍ୟ ଗତ ୧୨ ତାରିଖରେ କୋଦଳା ଥାନା ଅନ୍ତର୍ଗତ ଫାଶୀ ଗ୍ରାମର ମୁଖ୍ୟ ଛକରେ ଗୋଷ୍ଠୀ ସଂଘର୍ଷ ଘଟିଥିଲା। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି କିଛି ବ୍ୟକ୍ତି ଅଚାନକ ଗାଁରେ ପହଞ୍ଚି ଗୋଟିଏ ପରିବାରର ବାପା ଓ ଦୁଇ ପୁଅକୁ ଛୁରାମାଡ଼ କରିଥିଲେ। ପରେ ଉଭୟ ପକ୍ଷରୁ ଆକ୍ରମଣ ପ୍ରତିଆକ୍ରମଣ ହୋଇଥିଲା। ଘଟଣାରେ ଫାଶୀ ଗ୍ରାମର ରାଜେଶ କୁମାର ପଲେଇ ଆହତ ହୋଇଥିଲେ। ତାଙ୍କ ବଡ଼ଭାଇ ରାକେଶ କୁମାର ପଲେଇ ଓ ବାପା ଭାବଗ୍ରାହୀ ପଲେଇ ମଧ୍ୟ ଆକ୍ରମଣରେ ଆହତ ହୋଇଥିବା ବେଳେ ବାହାର ଗାଁରୁ ୮ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଆସି ଗଣ୍ଡଗୋଳ ଘଟାଇଥିଲେ। ସେମାନଙ୍କ ମଧ୍ୟରୁ ବାଦପଲ୍ଲୀ ଗ୍ରାମର ଭଗବାନ ସ୍ୱାଇଁ ଗୁରୁତର ହୋଇଥିଲେ। ଅନ୍ୟମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ।




# ପୋତାଗଡ଼ ମହୋତ୍ସବ ନେଇ ଜିଲ୍ଲାପାଳଙ୍କ ସହ ଆଲୋଚନା

ଗଞ୍ଜାମ/ହୁମ୍ମା,୨।୧(ସମିସ)



ଗଞ୍ଜାମ ସହରରେ ଦୀର୍ଘଦିନ ଧରି ବନ୍ଦ ହୋଇଥିବା ଐତିହାସିକ ପୋତାଗଡ଼ ମହୋତ୍ସବ ପୁଣି ଆରମ୍ଭ ହେବା ନେଇ ଆଶା ଉଦ୍‌ଜୀବିତ ହୋଇଛି। ଏନେଇ ଶୁକ୍ରବାର ଗଞ୍ଜାମ ଜିଲ୍ଲାପାଳଙ୍କ ସହ ଅଞ୍ଚଳବାସୀଙ୍କ ଆଲୋଚନା ହୋଇଛି। ଏଥିସହ ହୁମ୍ମା ଓ ଗଞ୍ଜାମ ସହର ସିଟିବସ୍ ସେବା ପୁନର୍ବାର ପ୍ରଚଳନ ଓ ଋଷିକୁଲ୍ୟା ନଦୀକୁ ଯିବାକୁ ସୁରକ୍ଷିତ ପାହାଚ ନିର୍ମାଣ ସମ୍ପର୍କରେ ମଧ୍ୟ ଦାବି ହୋଇଛି। ଗଞ୍ଜାମ ଭରସା ଅନୁଷ୍ଠାନର ସମ୍ପାଦକ ଦୁର୍ଗାମାଧବ ପାଣିଗ୍ରାହୀ ଅଞ୍ଚଳବାସୀ ଓ ଗଞ୍ଜାମ ଏନ୍‌ଏସିର ଜନପ୍ରତିନିଧିଙ୍କ ଦସ୍ତଖତ ସମ୍ୱଳିତ ଏକ ସ୍ମାରକପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରି ଏହି ସମସ୍ତ ଦାବି ସମ୍ପର୍କରେ ଧ୍ୟାନ ଆକର୍ଷଣ କରିଥିଲେ।

ସୂଚନାଯୋଗ୍ୟ, ୨୦୧୯ ମସିହାରେ ଦୁଇଦିନିଆ ଐତିହାସିକ ପୋତାଗଡ଼ ମହୋତ୍ସବ ସଫଳତାର ସହିତ ଅନୁଷ୍ଠିତ ହୋଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଏହା ବନ୍ଦ ହୋଇଯାଇଥିଲା। ଏ ସମ୍ପର୍କରେ ଜିଲ୍ଲାପାଳ କହିଥିଲେ ଯେ, ଏନ୍‌ଏସି, ବ୍ଲକ ପ୍ରଶାସନ ଓ ସ୍ଥାନୀୟ ଆଞ୍ଚଳବାସୀଙ୍କ ସହଯୋଗରେ ପଦକ୍ଷେପ ନିଆଗଲେ, ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଦିଆଯିବ। ସେହିପରି ଗଞ୍ଜାମ ସହର ଦାମୋଦରପୁର ଅଞ୍ଚଳ ଦେଇ ପ୍ରବାହିତ ଋଷିକୁଲ୍ୟା ନଦୀ ଉପରେ ଥିବା ଦୁଇଟି ରେଳ ବ୍ରିଜର ତଳଭାଗରେ ନଦୀକୁ ଯିବାକୁ ପାହାଚ ନିର୍ମାଣ ଦାବି ଉଠାଯାଇଥିଲା। ପାହାଚ ନଥିବାରୁ କାର୍ତ୍ତିକ ମାସ ପାହାନ୍ତିଆ ସ୍ନାନ, ଶ୍ରାବଣ ମାସର ବୋଲବୋମ ଯାତ୍ରା ଓ ବୋଇତ ବନ୍ଦାଣ ଉତ୍ସବ ସମୟରେ ମହିଳା, ବୃଦ୍ଧ, ଭକ୍ତ ଓ ପର୍ଯ୍ୟଟକମାନେ ଭାରୀ ଅସୁବିଧାର ସମ୍ମୁଖୀନ ହେଉଥିବା କଥା ଜଣାଯାଇଥିଲା।

**ସିଟି ବସ୍ ସେବା ଓ ଋଷିକୁଲ୍ୟାକୁ ପାହାଚ ନିର୍ମାଣ ଦାବି**



# ଯୁବତୀଙ୍କୁ ଫିଲ୍ମ ଷ୍ଟାଇଲ୍‌ରେ ଅପହରଣ; ୬ ଅଟକ

ଫିରିଙ୍ଗିଆ,୨।୧(ସମିସ)

ଫିରିଙ୍ଗିଆ ବ୍ଲକ ଗୋଛାପଡା ଥାନା ଅଞ୍ଚଳର ଜଣେ ୧୯ ବର୍ଷୀୟା ଯୁବତୀଙ୍କୁ କିଛି ଯୁବକ ତାଙ୍କ ନିଜ ଗାଁ ପାଖରୁ ଫିଲ୍ମ ଷ୍ଟାଇଲରେ ଏକ କାର୍‌ରେ ଅପହରଣ କରି ନେଉଥିବାବେଳେ ପରିବାର ଲୋକ ସମ୍ପୃକ୍ତ କାର୍‌ର ପିଛା କରି ଅଟକାଇଥିଲେ। କାର୍ ସହ ଦୁଇ ଅଭିଯୁକ୍ତଙ୍କୁ କାବୁ କରି ପୁଲିସ ଜିମା ଦେଇଥିବାବେଳେ ଅନ୍ୟମାନେ ସମ୍ପୃକ୍ତ ନାବାଳିକାଙ୍କୁ ନେଇ ଚାଲି ଯାଇଥିଲେ। ପରିବାର ପକ୍ଷରୁ ଅପହରଣ ନେଇ ଥାନାରେ ଅଭିଯୋଗ ହୋଇଥିଲା। ଘଟଣାର ୧୨ଘଣ୍ଟା ମଧ୍ୟରେ ପୁଲିସ ଯୁବତୀଙ୍କୁ ଉଦ୍ଧାର କରିବା ସହ ଘଟଣାର ପର୍ଦ୍ଦାଫାସ୍ କରିଛି। ପରିବାର ଲୋକେ ବିବାହ ପାଇଁ ରାଜି ନହେବାରୁ ଯୁବତୀଙ୍କୁ ତାଙ୍କ ପ୍ରେମିକ ସାଙ୍ଗମାନଙ୍କ ସହ ମିଶି ଅପହରଣ କରି ନେଉଥିବାବେଳେ ଯୁବତୀଙ୍କ ଏଥିରେ ସମ୍ମତି ଥିବା ଜଣାପଡିଛି।



ସୂଚନା ଅନୁଯାୟୀ, ୬ ଜଣ ଯୁବକ ଏକ କାର୍‌ରେ ଆସି ଗୋଛାପଡା ଥାନା ବନ୍ଧୁଲି ଛକ ନିକଟରୁ ଏକ କାର୍‌ରେ ଜଣେ ଯୁବତୀଙ୍କୁ ଅପହରଣ କରି ନେଇଥିବା। ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ନାବାଳିକାଙ୍କୁ କାର୍‌ରେ ନେଇ ପଳାଉଥିବାବେଳେ ଗାଡ଼ିକୁ ପିଛାକରି ପରିବାର ଲୋକେ ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ଅନ୍ତର୍ଗତ କୁମେଲବନ୍ଧ ପାଖରେ ଅଟକାଇଥିଲେ। ମାତ୍ର ଦୁଇ ଜଣଙ୍କୁ ଧରିବାରେ ସଫଳ ହୋଇଥିବାବେଳେ ଅନ୍ୟ ଚାରି ଜଣ ଝିଅକୁ ନେଇ ଜଙ୍ଗଲ ଭିତରକୁ ଚାଲି ଯାଇଥିଲେ। ଘରଲୋକେ ଖୋଜାଖୋଜି କରି ମଧ୍ୟ ତାଙ୍କ ସନ୍ଧାନ ପାଇ ନଥିଲେ। ପରିବାର ଲୋକ କାର୍ ଓ କାବୁ କରିଥିବା ୨ ଯୁବକଙ୍କୁ ଆଣି ପୁଲିସ ଜିମା ଦେଇଥିଲେ। ପୁଲିସ ସେମାନଙ୍କୁ ପଚରାଉଚରା ସହିତ ତଦନ୍ତ ଆରମ୍ଭ କରିଥିଲା। ଥାନା ଅଧିକାରୀ ଚିରଞ୍ଜୀବ ବେହେରା ତଦନ୍ତ କରି ଘଟଣାର ୧୨ ଘଣ୍ଟା ମଧ୍ୟରେ ଯୁବତୀଙ୍କୁ ଉଦ୍ଧାର କରିବା ସହ ଅପହରଣକାରୀ ୬ ଜଣ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଛନ୍ତି। ଯୁବତୀଙ୍କୁ ଉଦ୍ଧାର କରିବା ପରେ ବିସ୍ଫୋରକ ତଥ୍ୟ ସାମନାକୁ ଆସିଛି। ଯୁବତୀ ଜଣକ କନ୍ଧମାଳ ଜିଲ୍ଲା ଫୁଲବାଣୀ ସଦର ଥାନା ଅଧୀନରେ ଥିବା ଦଡ଼କି ପଞ୍ଚାୟତ ଜାମଝିରି ଗାଁର ମାନସ ମଲ୍ଲିକ ନାମକ ଜଣେ ଯୁବକଙ୍କୁ ପ୍ରେମ କରିଆସୁଥିଲେ। କିନ୍ତୁ ଉଭୟଙ୍କ ପ୍ରେମ ସମ୍ପର୍କକୁ ଯୁବତୀଙ୍କ ପରିବାର ଲୋକେ ପସନ୍ଦ କରୁନଥିଲେ। ଗତ ମଙ୍ଗଳବାର ଦିନ ଯୁବତୀ ଜଣକ ତାଙ୍କ ପ୍ରେମିକ ମାନସଙ୍କ ସହ ଫେରାର ହେବାକୁ ଯୋଜନା କରିଥିଲେ। ଯୁବତୀଙ୍କ ଯୋଜନା ମୁତାବକ ପ୍ରେମିକ ବୁଧବାର ସକାଳୁ ଏକ କାର୍‌ରେ ତାର କିଛି ସହଯୋଗୀଙ୍କ ସହ ବନ୍ଧୁଲି ଛକକୁ ଆସିଥିଲା। ଯୁବତୀ ଜଣକ ତାଙ୍କ ପ୍ରେମିକ ସହ କାରରେ ବସି ନିଜ ଇଚ୍ଛାରେ ଚାଲି ଯାଇଥିଲେ। ଯୁବତୀଙ୍କୁ ପଚରା ଉଚୁରା ପରେ ଘଟଣାର ସମସ୍ତ ତଥ୍ୟ ସାମନାକୁ ଆସିଥିବା ବେଳେ ଯୁବତୀଙ୍କ ବୟାନରୁ ଏହା ଏକ ସୁପରିକଳ୍ପିତ ଅପହରଣ ନାଟକ ଥିଲା ବୋଲି ପୁଲିସ ସୂଚନା ଦେଇଥିବା ବେଳେ ଶନିବାର ଯୁବତୀଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୁଲିସ ସୂଚନା ଦେଇଛି।

## ଚା' ବାଣ୍ଟି ନୂତନ ବର୍ଷର ଶୁଭେଚ୍ଛା



ରାଇକିଆ,୨।୧(ସମିସ): ରାଇକିଆ ଅଞ୍ଚଳରେ ଉତ୍ସାହ ଓ ଉଦ୍ଦୀପନାର ସହ ପାଳନ ହୋଇଛି ଇଂରାଜୀ ନୂତନ ବର୍ଷ। ଏହାକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି ରାଇକିଆ ମର୍ଣ୍ଣିଂ ଷ୍ଟାର କ୍ଲବ୍‌ର ସଦସ୍ୟ। ଗୁରୁବାର ସକାଳୁ ବଜାର ଚାରିଛକରେ ସ୍ୱତନ୍ତ୍ର ଷ୍ଟଲ୍ ଖୋଲି ଜନସାଧାରଣଙ୍କୁ ଚା' ବଣ୍ଟନ କରି ନୂତନ ବର୍ଷର ଶୁଭେଚ୍ଛା ଜଣାଇଥିଲେ। ଏହି କ୍ଲବ୍‌ରେ ଯୁବକ ଠାରୁ ଆରମ୍ଭ କରି ବୟସ୍କ , ସରକାରୀ କର୍ମଚାରୀ, ଛାତ୍ର ସଦସ୍ୟ ରହିଥିବା ବେଳେ ବର୍ଷତମାମ ଭଲିବଲ୍ ଭଳି କ୍ରୀଡ଼ାକୁ ପ୍ରୋତ୍ସାହନ ଦେବା ସହ ନିୟମିତ ବିଭିନ୍ନ ବର୍ଗର ଲୋକଙ୍କୁ ଏଥିରେ ସାମିଲ କରିଥାନ୍ତି। ପ୍ରତ୍ୟେକ ବର୍ଷ ଆମେ ଏହିପରି ନୂତନ ବର୍ଷକୁ ପାଳନ କରିଥାଉ ବୋଲି କ୍ଲବ୍‌ର ସଦସ୍ୟ କହିଛନ୍ତି।

## ରେଳବାଇ ଷ୍ଟାଣ୍ଡିଂ କମିଟି ବୈଠକ

# ବିଭିନ୍ନ ଦାବି ଜଣାଇଲେ ପାରଳା ବିଧାୟକ

ପାରଳାଖେମୁଣ୍ଡି,୨।୧(ସମିସ): ପୁରୀରେ ଆଜି ରେଳବାଇ ଷ୍ଟାଣ୍ଡିଂ କମିଟି ବୈଠକ ଅଧ୍ୟକ୍ଷ ତଥା ରାଜ୍ୟସଭା ସାଂସଦ ଡ଼. ସି. ଏମ୍. ରମେଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ ଯୋଗଦେଇ ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀରେ ରେଳବାଇ କ୍ଷେତ୍ରରେ ରହିଥିବା ବିଭିନ୍ନ ମୌଳିକ ତଥା ଯଥାର୍ଥ ଆବଶ୍ୟକତା ଦାବି ରଖିଥିଲେ। ପାରଳାଖେମୁଣ୍ଡି ରେଳ ଷ୍ଟେସନ ଲାଗି ରେଲଲାଇନ ଆର ପଟରେ ଥିବା ଶାନ୍ତିନଗର, ଖିଙ୍ଗା ଓ ବଡଖିଙ୍ଗା ଗ୍ରାମକୁ ଯିବାଆସିବା ଅସୁବିଧାର ଏକ ବଡ଼ ସମସ୍ୟାକୁ ନେଇ ଗ୍ରାମବାସୀ ଗତ କିଛିଦିନ ତଳେ ପାରଳା ବିଧାୟକ ଶ୍ରୀ ପାଣିଗ୍ରାହୀଙ୍କୁ ଅବଗତ କରାଇଥିଲେ। ଏହି ସମସ୍ୟାର ସମାଧାନ ପାଇଁ ଏବଂ ଉପରୋକ୍ତ ଗ୍ରାମବାସୀଙ୍କ ଯିବା ଆସିବାର ବ୍ୟବସ୍ଥା ପାଇଁ ସେଠାରେ ଏକ ପାଦଚଲା ଫୁଟ୍ ଓଭର ବ୍ରିଜ୍ ସହ ଏକ ଓଭର ବ୍ରିଜ ନଚେତ୍ ଭୂତଳ ରାସ୍ତା ନିର୍ମାଣ ନେଇ ବିଧାୟକ ଲିଖିତ ଭାବେ ରେଳବାଇ ଷ୍ଟାଣ୍ଡିଂ କମିଟିକୁ ଜଣାଇଛନ୍ତି। ଏଥିସହ ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀବାସୀଙ୍କ ଯୋଗାଯୋଗ କ୍ଷେତ୍ରରେ ରେଳ ସୁବିଧା ଏକ ମାତ୍ର ଲାଇଫ ଲାଇନ୍। ଏଠାକାର ଅଞ୍ଚଳବାସୀ ଶିକ୍ଷା, ସ୍ୱାସ୍ଥ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ମୁଖ୍ୟତଃ ହାଇଦ୍ରାବାଦ ଉପରେ ହିଁ ନିର୍ଭର କରିଥାନ୍ତି। ତେଣୁ ଗୁଣୁପୁର ଠାରୁ ବିଶାଖାପାଟଣା ଚଳାଚଳ କରୁଥିବା ଟ୍ରେନକୁ ବିଶାଖାପାଟଣାରେ ହଲ୍ଟ ନ କରାଇ ତାହାକୁ ହାଇଦ୍ରାବାଦ ପର୍ଯ୍ୟନ୍ତ ସମ୍ପ୍ରସାରଣ କରି ଚଳାଇବା ପାଇଁ ଲିଖିତ ଭାବେ ଦାବିପତ୍ର ଦେଇଛନ୍ତି। ସେହିଭଳି ଭଦ୍ରକ ଠାରୁ ପାଲାସା ଆସୁଥିବା ଡିଏମୟୁ ଟ୍ରେନକୁ ରାତିରେ ପଲାସାରେ ରହଣି ନକରାଇ ତାହାକୁ ଗୁଣପୁର ପର୍ଯ୍ୟନ୍ତ ସମ୍ପ୍ରସାରଣ କରି ଚଳାଚଳ କରାଇବାକୁ ଲିଖିତ ଭାବେ ଦାବି ଜଣାଇଛନ୍ତି। ନବଉତ୍କଳର ନିର୍ମାତା ଓଡ଼ିଶା ଗଠନରେ ମୁଖ୍ୟ ଭୂମିକା ରହିଥିଲା ସେଇ ମହାନ୍ ବ୍ୟକ୍ତିତ୍ୱ ତଥା ପାରଳା ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ଏବଂ ଓଡ଼ିଶାରେ ସେ ଦୀର୍ଘ ଶତାଧିକ ବର୍ଷ ପୂର୍ବେ ରେଳବାଇର ଏକ ପଥପ୍ରଦର୍ଶକ ଥିଲେ। ଆନ୍ଧ୍ର ଠାରୁ ଓଡ଼ିଶାର ପାରଳାଖେମୁଣ୍ଡି ଗୁଣପୁର ପର୍ଯ୍ୟନ୍ତ ନିଜସ୍ୱ ଖର୍ଚ୍ଚରେ ନେରୋଗେଜ୍ ଟ୍ରେନ ଚଳାଚଳ କରାଇଥିଲେ। ତେଣୁ ତାଙ୍କ ସ୍ମୃତିରେ ପ୍ରତିମୂର୍ତ୍ତି ପାରଳା ରେଲଷ୍ଟେସନ ସମ୍ମୁଖରେ ପ୍ରତିଷ୍ଠା କରିବାକୁ ମଧ୍ୟ ଲିଖିତ ଭାବେ ଜଣାଇଥିଲେ ବିଧାୟକ। ଗୁଣୁପୁର ଠାରୁ ବିଶାଖାପାଟଣା ଟ୍ରେନ୍‌ଟି ହାଇଦ୍ରାବାଦ ପର୍ଯ୍ୟନ୍ତ ଚାଲିଲେ ଗଜପତିର ବ୍ୟବସାୟୀଙ୍କ ଉନ୍ନତ ସହ ହାଇଦ୍ରାବାଦରେ ରହୁଥିବା ଲୋକଙ୍କ ସୁବିଧା ହେବ ବୋଲି ବିଧାୟକ ଜଣାଇଛନ୍ତି। ଏହିସବୁ ଦାବିକୁ ନିଜେ ଲୋକସଭା ସାଂସଦ ତଥା କମିଟି ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ପ୍ରତିଶ୍ରୁତି ଦେଇଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଷ୍ଟାଣ୍ଡିଂ କମିଟି ସଦସ୍ୟ ସାଂସଦ ଦାମୋଦର ଅଗ୍ରୱାଲ ସାଂସଦ ତାରିକ ଅନୱାର, ସାଂସଦ ସଂଗୀତା ସିଂଦେଓ ଓ ସାଂସଦ ଶତାବ୍ଦୀ ରାୟ ଉପସ୍ଥିତ ଥିଲେ।




# ମାନସିକ ରୋଗୀଙ୍କୁ ସ୍ୱାକ୍ ପକ୍ଷରୁ ବୃଦ୍ଧାଶ୍ରମ ସ୍ଥାନାନ୍ତର



ଜି.ଉଦୟଗିରି,୨।୧(ସମିସ): ଜି.ଉଦୟଗିରିରେ ଦୀର୍ଘବର୍ଷ ଧରି ଅସହାୟ ଜୀବନ ଯାପନ କରୁଥିବା ମାନସିକ ଭିନ୍ନକ୍ଷମ ମହିଳା ଅଳକା ପ୍ରଧାନଙ୍କୁ ସୋସିଆଲ ୱାର୍କର୍ସ ଅଫ୍ କନ୍ଧମାଳ (ସ୍ୱାକ୍) ସଂଗଠନର ପକ୍ଷରୁ ଚକାପାଦ ବ୍ଲକ ଅନ୍ତର୍ଗତ ପସରାରେ ଥିବା ବୃଦ୍ଧା ଆଶ୍ରମକୁ ସୁରକ୍ଷିତ ସ୍ଥାନାନ୍ତର କରାଯାଇଛି। ଏ ନେଇ ଗତ ଡିସେମ୍ବର ୮ରେ ଟିକାବାଲି ବ୍ଲକ କାର୍ଯ୍ୟାଳୟରେ ଆୟୋଜିତ ଜନଶୁଣାଣି କାର୍ଯ୍ୟକ୍ରମରେ ସ୍ୱାକ୍ ସଂଗଠନ ପକ୍ଷରୁ କନ୍ଧମାଳ ଜିଲ୍ଲାପାଳଙ୍କୁ ଏକ ଅଭିଯୋଗ ପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ମାନସିକ ରୋଗୀ ଅଳକା ପ୍ରଧାନଙ୍କୁ ସ୍ଥାୟୀ ଭାବରେ ଏକ ବୃଦ୍ଧାଶ୍ରମରେ ରଖିବାକୁ ଦାବି କରାଯାଇଥିଲା। ଜିଲ୍ଲାପାଳ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ବିଭାଗ ଅଧିକାରୀଙ୍କୁ ଏନେଇ ନିର୍ଦ୍ଦେଶ ଦେଇଥିଲେ। ଆଜି ଜିଲ୍ଲାପାଳ ଏବଂ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଅଧିକାରୀଙ୍କ ତତ୍ତ୍ୱାବଧାନରେ ସ୍ୱାକ୍ ସଂଗଠନର ସହଯୋଗରେ ଅଳକାଙ୍କୁ ପସରାରେ ଥିବା ବୃଦ୍ଧାଶ୍ରମରେ ରଖାଯାଇଛି। ସ୍ୱାକ୍ ସଂଗଠନର ସଭାପତି ଆମନ ଚନ୍ଦ୍ର ନାୟକ, କୋଷାଧକ୍ଷ ସାମନ୍ତ ଶେଖର ନାୟକ, ବରିଷ୍ଠ ପରାମର୍ଶଦାତା ସମୀର କୁମାର ପାଢ଼ୀ, ସଦସ୍ୟ ଚିନ୍ମୟ କୁମାର ସେଠୀ, ସହଯୋଗୀ ମନୋଜ ନାୟକ ଏବଂ ମହିଳାଙ୍କ ସମ୍ପର୍କୀୟ ଭାଇ ମହାଜନ ମଲ୍ଲିକଙ୍କ ଉପସ୍ଥିତିରେ ଜି.ଉଦୟଗିରି ଗାନ୍ଧୀ ଛକରୁ ସୁରକ୍ଷିତ ଭାବରେ ମହିଳାଙ୍କୁ ଉଦ୍ଧାର କରାଯାଇ ପସରା ବୃଦ୍ଧାଶ୍ରମକୁ ନିଆଯାଇଥିଲା। ବୃଦ୍ଧା ଆଶ୍ରମର ତତ୍ତ୍ୱାବଧାରକ ବୈରାଗୀ ଚରଣ ପ୍ରଧାନ ଓ ନିଶା ନିବାରଣ କେନ୍ଦ୍ର ସହଯୋଗୀ ଦେବେନ୍ଦ୍ର ସିଂ ଉପସ୍ଥିତ ଉକ୍ତ ମହିଳାଙ୍କୁ ନେବାର ବ୍ୟବସ୍ଥା କରିଥିଲେ।

# ମା' ରାମଚଣ୍ଡୀ ପୀଠକୁ ବିଜେଡି ସାଂସଦଙ୍କ ଅନୁଦାନ

ଗଞ୍ଜାମ,୨।୧(ସମିସ): ଗଞ୍ଜାମ ବ୍ଲକ ଅନ୍ତର୍ଗତ ନୀଳାଦ୍ରିପୁର ଗ୍ରାମ ନିକଟରେ ଅବସ୍ଥିତ ପ୍ରସିଦ୍ଧ ଶକ୍ତିପୀଠ ମା'ରାମଚଣ୍ଡୀଙ୍କ ମନ୍ଦିରକୁ ଗୁରୁବାର ନୂଆବର୍ଷ ଉପଲକ୍ଷେ ମା'ଙ୍କ ଦର୍ଶନ ପାଇଁ ହଜାର ହଜାର ଭକ୍ତଙ୍କ ସୁଅ ଛୁଟିଥିଲା। ପୂଜା କମିଟି ସଭାପତି ଦୟାନନ୍ଦ ରେଡ଼ି, ସମ୍ପାଦକ ବିମଳ ପଣ୍ଡା, ଅନ୍ୟ ସଦସ୍ୟ ମାନଙ୍କ ମଧ୍ୟରେ ମନୋଜ ମିଶ୍ର, ସୁଧୀର ମହାରଣା, ଶଙ୍କର ଚର୍ତ୍ତୀ, ଗୋପାଳ ନାୟକ, ରାଜୁ ବେହେରାଙ୍କ ସହଯୋଗରେ ଭକ୍ତଙ୍କୁ ଧାଡ଼ି ଦର୍ଶନ କରାଯାଇଥିଲା। ମନ୍ଦିର ଓ ଭକ୍ତଙ୍କ ଅସୁବିଧାକୁ ଆଖିଆଗରେ ରଖି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟସଭା ସାଂସଦ ମୁଜିବୁଲା ଖାନ୍ (ମୁନା) ସାଂସଦ ପାଣ୍ଠିରୁ ୪ ଲକ୍ଷ ଟଙ୍କାର ମନ୍ଦିର ଉନ୍ନତି ପାଇଁ ପ୍ରଦାନ କରିଛନ୍ତି। ଏହାର ପତ୍ର ପାଇଲା ପରେ କରପଡ଼ା ସରପଞ୍ଚ ଅଜୟ ନାୟକ, ପୂଜା କମିଟି ସଭାପତି ଦୟାନନ୍ଦ ରେ‡ୀ, ପରିଚାଳନା କମିଟି ସଭାପତି ପ୍ରଶାନ୍ତ ନାୟକ, ପଞ୍ଚାୟତବାସୀ, ମା' ରାମଚଣ୍ଡୀ ଟ୍ରଷ୍ଟ ଓ ଅଗଣିତ ଭକ୍ତମାନଙ୍କ ତରଫରୁ ସାଂସଦ ଓ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦିଆଯାଇଛି।





# ଆମ୍ବଗଡ଼ରେ ଧାନମଣ୍ଡି ଶୁଭାରମ୍ଭ

କୁକୁଡ଼ାଖଣ୍ଡି,୨।୧(ସମିସ): ଦକ୍ଷିଣପୁର ପଞ୍ଚାୟତର ଆମ୍ବଗଡ ସେବା ସମବାୟ ସମିତିରେ ଧାନମଣ୍ଡି ଶୁଭାରମ୍ଭ ହୋଇଯାଇଛି। ସମିତି ସଭାପତି କାହ୍ନୁଚରଣ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ମଣ୍ଡିର ଶୁଭାରମ୍ଭ କରିଥିଲେ। ଅନ୍ୟତମ ଅତିଥିଭାବେ ଦକ୍ଷିଣପୁର ସରପଞ୍ଚ ଦେବାଶିଷ ସେଠୀ, ପିଇଓ ସୁଦାମ ମଲ୍ଲିକ, ସମବାୟବିତ୍ ନରସିଂହ ସାହୁ, ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ଯୋଗଦାନ କରିଥିଲେ। ସମବାୟ ସମିତିରେ ପଞ୍ଜୀକରଣ କରିଥିବା ଚାଷୀ ରାଧା ଚରଣ ପତି, ରବୀନ କୁମାର ପତି, ହରିକୃଷ୍ଣ ପତି, କାହ୍ନୁଚରଣ ସାହୁ, ସଦାନନ୍ଦ ଷଣ୍ଡ, ମାମି ପଣ୍ଡା, ସନ୍ଦୀପ ସାହୁ, ଗଦାଧର ସାହୁ, ପଙ୍କଜ ସାହୁ, ମଙ୍ଗଲୁ ବେହେରା, କେ ଭୁଲା ପାତ୍ର, ବି ଜାଗାୟା ପାତ୍ର, ବି ଗଣେଷ ପାତ୍ର, ଭଗବାନ ମହାରଣା, ବାବୁ ସାମଲ, ଗଣପତି ଦଳେଇ, ହାଡୁବନ୍ଧୁ ଜେନା, କୃଷ୍ଣଚନ୍ଦ୍ର ସେଠୀ, ରମେଶ ଚନ୍ଦ୍ର ସାହୁ, ରିଟୁ ଦାସ, ସୁରେନ୍ଦ୍ର ଦାସ, ପି. ଈଶ୍ୱର ପାତ୍ର, କାଳିଆ ସାହୁ, ଦ୍ୱାରିକା ପ୍ରସାଦ ମହାନ୍ତି, ସନ୍ତୋଷ କୁମାର ମହାନ୍ତି, ସୁବାଷ ଚନ୍ଦ୍ର ପାତ୍ର ପ୍ରମୁଖ ସହଯୋଗ କରିଥିଲେ। ସମ୍ପାଦକ ସନ୍ତୋଷ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



# ଜି.ଉଦୟଗିରି ଶୀତ ମହୋତ୍ସବ ପାଇଁ ସାଂସଦଙ୍କୁ ନିମନ୍ତ୍ରଣ



ଜି.ଉଦୟଗିରି,୨।୧(ସମିସ): ଜି.ଉଦୟଗିରି ଶୀତ ମହୋତ୍ସବ ପାଇଁ କମିଟି ତରଫରୁ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀଙ୍କୁ ନିମନ୍ତ୍ରଣ କରାଯାଇଛି। ମହୋତ୍ସବ କମିଟି ସଭାପତି ଜ୍ଞାନଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ମାୟାବନ୍ଧୁ ପ୍ରଧାନ, ମାନଗୋବିନ୍ଦ ପ୍ରଧାନ, ସାଂସଦ ପ୍ରତିନିଧି ଅମରସିଂ ନାୟକ ଭୁବନେଶ୍ୱରରେ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀଙ୍କ ସହ ସାକ୍ଷାତ କରି ଜି.ଉଦୟଗିରି ମହୋତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେବାକୁ ଅନୁରୋଧ କରିଛନ୍ତି। ଏଥିରେ ସାଂସଦ ସହମତି ଜଣାଇ ଫେବୃଆରୀ ୩ରେ ମୁଖ୍ୟଅତିଥି ଭାବେ ଯୋଗଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ଅକ୍ଷୟ ସୁନିଲ ଅଗ୍ରୱାଲ ଗଜପତିର ନୂତନ ଜିଲ୍ଲାପାଳ

ପାରଳାଖେମୁଣ୍ଡି,୨।୧(ସମିସ): ଗଜପତି ଜିଲ୍ଲାର ନୂତନ ଜିଲ୍ଲାପାଳ ହେଲେ ଅକ୍ଷୟ ସୁନିଲ ଅଗୱାଲ। ଆଜି ନୂତନ ବର୍ଷରେ ନିଯୁକ୍ତି ଦେଇଛନ୍ତି ସରକାର। ଗତ କିଛି ଦିନ ହେଲା ଜିଲ୍ଲାପାଳ ମଧୁମିତା ଛୁଟିରେ ଥିବା ବେଳେ ଆଜି ସରକାରଙ୍କ ପକ୍ଷରୁ ନୂତନ ଜିଲ୍ଲାପାଳଙ୍କ ନାମ ପ୍ରକାଶ ପାଇଛି। ଶ୍ରୀ ଅଗ୍ରୱାଲ ପୂର୍ବରୁ ନୟାଗଡ଼ ଜିଲ୍ଲାପାଳ ଭାବରେ କାର୍ଯ୍ୟରତ ଥିଲେ। ଜିଲ୍ଲାପାଳ ମଧୁମିତା ଛୁଟିରେ ଥିବାରୁ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ମୁନିନ୍ଦ୍ର ହନେଗା ଭାରପ୍ରାପ୍ତ ଜିଲାପାଳ ଭାବେ ଦାୟିତ୍ୱ ତୁଲାଉଥିଲେ।



# ରାଜ୍ୟର ଶ୍ରେଷ୍ଠ ୧୦ମ ସ୍ଥାନରେ ଧରାକୋଟ ଥାନା

ଧରାକୋଟ,୨।୧(ସମିସ): ଓଡିଶା ସରକାଙ୍କ ଗୃହ ବିଭାଗର କ୍ରାଇମ୍ ଆଣ୍ଡ କ୍ରିମିନାଲ୍ ଟ୍ରାକିଂ ନେଟୱାର୍କ ଆଣ୍ଡ ସିଷ୍ଟମ୍ସର ସର୍ଭେ ଅନୁସାରେ ରାଜ୍ୟର ୬୪୩ ଥାନା ମଧ୍ୟରୁ ଧରାକୋଟ ଥାନା ଦଶମ ସ୍ଥାନରେ ରହିଛି। ଧରାକୋଟ ଥାନା ଅପରାଧ, ଅପରାଧୀ ଏବଂ ନିଖୋଜ ବ୍ୟକ୍ତିଙ୍କ ପ୍ରକୃତ ସମୟରେ ଟ୍ରାକିଂ କରିବା, ଅନଲାଇନ୍ ଅଭିଯୋଗ ପଞ୍ଜୀକରଣ ଏବଂ ଟ୍ରାକିଂକୁ ସକ୍ଷମ କରିବା, ଆନ୍ତଃ-କାର୍ଯ୍ୟକ୍ଷମ ଅପରାଧିକ ନ୍ୟାୟ ବ୍ୟବସ୍ଥା ମାଧ୍ୟମରେ ଇ-କୋର୍ଟ, ଇ-କାରାଗାର ସହିତ ସମନ୍ୱିତ କରିବା, ଡାଟା ବିଶ୍ଳେଷଣ, ରିପୋର୍ଟିଂ ଏବଂ ଏକ ବ୍ୟାପକ ଅପରାଧିକ ରେକର୍ଡ ପ୍ରଣାଳୀ ସୃଷ୍ଟି କରି ସୂଚନା ଓ ପ୍ରଯୁକ୍ତି ଭିତ୍ତିଭୂମିର ବ୍ୟବହାର କରିବାରେ ସଫଳତା ଲାଭ କରିଛି। ଧରାକୋଟ ଥାନା ଅଧିକାରୀ ଭାବେ ଚନ୍ଦ୍ରିକା ସ୍ୱାଇଁ ଗତ ୧୫ ଜୁଲାଇ ୨୦୨୪ରେ ଏଠାରେ ଯୋଗ ଦେବାଠାରୁ ଲୋକଙ୍କ ସହ ସୁସମ୍ପର୍କ ସ୍ଥାପନ, ଅଭିଯୋଗର ସଠିକ ନ୍ୟାୟ, ସଫଳ ଟିମ୍ ୱାର୍କ, ଅଧିନସ୍ଥ କର୍ମଚାରୀଙ୍କ ସହିତ ଉତ୍ତମ ସମନ୍ୱୟ ସ୍ଥାପନ, ଅପରାଧ ଦମନ, ଆଇଆଇସିଙ୍କ କାର୍ଯ୍ୟଦକ୍ଷତା, ଭିତ୍ତିଭୂମିର ସୁଦୃଢ଼ୀକରଣ, ମହିଳା ଓ ଶିଶୁ ମାନଙ୍କ ପ୍ରତି ନ୍ୟାୟିକ ଭରଷା ଓ ଉତ୍ତମ ଆଚରଣ ସାଙ୍ଗକୁ ସର୍ବୋପରି ପରିବେଶର ସୁରକ୍ଷା ଓ ସ୍ୱଚ୍ଛତା ବଜାୟ ରଖିବା ଯୋଗୁଁ ଧରାକୋଟ ଥାନା ସମଗ୍ର ରାଜ୍ୟରେ ଦଶମ ସ୍ଥାନ ଭିତରେ ରହି ପ୍ରଶଂସା ସାଉଁଟିଛି। ଯାହାକି ଖାଲି ଧରାକୋଟ ନୁହେଁ ଗଞ୍ଜାମ ଜିଲ୍ଲାର ଗୌରବ ବଢ଼ାଇଛି। ଏଣୁ ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁଙ୍କୁ ଆସିକା ସାମ୍ବାଦିକ ସଙ୍ଘର ସାମ୍ବାଦିକ ହରିହର ପାଢ଼ୀ, ଧରାକୋଟ ପ୍ରେସ କ୍ଲବର ଉପଦେଷ୍ଟା ହୃଦାନନ୍ଦ ଜେନା, ସାମ୍ବାଦିକ କାଳୁ ଚରଣ ମହାପାତ୍ର, ଅଶେଷ ପାତ୍ରଙ୍କ ସମେତ ଧରାକୋଟ ଅଞ୍ଚଳବାସୀ ଶୁଭେଚ୍ଛା ଜଣାଇଛନ୍ତି।



# ଶୀତ ଉତ୍ସବକୁ ନେଇ ପ୍ରସ୍ତୁତି ଜୋରଦାର



ଦାରିଙ୍ଗବାଡ଼ି,୨।୧(ସମିସ): ଆସନ୍ତା ୮ରୁ ୧୧ ତାରିଖ ଯାଏ ୪ ଦିନ ଧରି ଶୀତ ମହୋତ୍ସବ ଦାରିଙ୍ଗବାଡ଼ିରେ ଅନୁଷ୍ଠିତ ହେବ। ଏ ନେଇ ଆଇଟିଆଇ ପଡ଼ିଆରେ ପ୍ରସ୍ତୁତି ଜୋରଦାର ହେଉଛି। ମହୋତ୍ସବ କମିଟି ସମ୍ପାଦକ ବିଡିଓ ପ୍ରୀତିରଞ୍ଜନ ରଥ ଏବଂ ମହୋତ୍ସବର ସଭାପତି ତଥା ସମିତି ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟ ସମ୍ପାଦନ ହେଉଛି। ମହୋତ୍ସବ ମଞ୍ଚ, ଷ୍ଟଲ ଆଦି କାର୍ଯ୍ୟ ସୁନ୍ଦର ଭାବେ ଗଢ଼ି ତୋଳିବା ଆରମ୍ଭ ହେଉଛି। ସୁଦୁର ବ୍ରହ୍ମପୁରରୁ କାରିଗର ଆସି ମଞ୍ଚକୁ ସୁସଜ୍ଜିତ କରୁଥିବା ବେଳେ ବିଡ଼ିଓ ପ୍ରତିଦିନ ବିଭାଗୀୟ କର୍ମଚାରୀଙ୍କୁ ନେଇ ମହୋତ୍ସବ ପଡ଼ିଆରେ ରହି ସମସ୍ତ କାର୍ଯ୍ୟକୁ ସମୀକ୍ଷା କରୁଥୁବା ଦେଖିବାକୁ ମିଳୁଛି। ସହକାରୀ ନିର୍ବାହୀ ଯନ୍ତ୍ରୀ ସଞ୍ଜୟ ରଥ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିଶ୍ୱଜିତ ଜାଲି, ବିପିଏମ ପିଣ୍ଟୁ ନାୟକ, ଭାଲୁ ସାହୁ ଓ ଦୀପକ ସାହୁ ପ୍ରମୁଖଙ୍କ ସହିତ ଅନ୍ୟ ନେତୃ ମଣ୍ଡଳୀ ପଡିଆରେ ରହି ସମସ୍ତ କାର୍ଯ୍ୟକୁ ଅନୁଧ୍ୟାନ କରୁଛନ୍ତି।

## ମଣ୍ଡି ଉଦ୍‌ଘାଟନ ନାମକୁ ମାତ୍ର

# ଚଳିତ ବର୍ଷ ମଧ୍ୟ ଜିଲ୍ଲାରେ ବିଳମ୍ବ ହେବ ଧାନକିଣା

## ବନ୍ୟଜନ୍ତୁଙ୍କ ଦୌରାତ୍ମ୍ୟରେ ନଷ୍ଟ ହେଉଛି ଅମଳ ଧାନ

## ଆନ୍ଦୋଳନ ଚେତାବନୀ ଦେଲେ ଚାଷୀ ନେତା

ପାରଳାଖେମୁଣ୍ଡି,୨।୧(ସମିସ)



ଗଜପତି ଜିଲ୍ଲାରେ ଧାନମଣ୍ଡି ନାମକୁ ମାତ୍ର ଖୋଲାଯାଇଛି। ଡିସେମ୍ବର ୩୧ରେ ଆନୁଷ୍ଠାନିକ ଭାବେ ଧାନମଣ୍ଡି ଖୋଲାଯାଇଥିବା ବେଳେ ଏ ପର୍ଯ୍ୟନ୍ତ ଧାନ ବିକ୍ରି କରିପାରିନାହାନ୍ତି ଚାଷୀ। ଚାଷୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜିଲ୍ଲାରେ ସରକାର ଖରିଫ ଧାନ କ୍ରୟ ବେଳେ ନାନାଦି ଅସୁବିଧାର ସମ୍ମୁଖୀନ ହେଉଥିବା ବହୁ ଦୃଷ୍ଟାନ୍ତ ରହିଛି। ବିଗତ ବର୍ଷମାନଙ୍କରେ ତତ୍କାଳୀନ ଜିଲ୍ଲା ଯୋଗାଣ ଅଧିକାରୀଙ୍କ ଯୋଗୁ ଚାଷୀଙ୍କୁ ହଟହଟା ହେବାକୁ ପଡିଥିବା ବେଳେ ୨୦୨୪ ଖରିଫ ଧାନକ୍ରୟ ବେଳେ ବର୍ଷା ଯୋଗୁ ନାନାଦି ସମସ୍ୟା ଉପୁଜି ଉଭୟ ପ୍ରଶାସନ ଓ ଚାଷୀଙ୍କୁ ହଟହଟା ହେବାକୁ ପଡ଼ିଥିଲା। ୨୦୨୫ ଖରିଫ ଧାନ କ୍ରୟ ବେଳେ କୌଣସି ସମସ୍ୟା ଉପୁଜିବ ନାହିଁ। ପାଗ ଅନୁକୂଳ ସାଙ୍ଗକୁ ଧାନ ପାଚି ମଧ୍ୟ ଭଲ ହୋଇଛି। ସେପଟେ ସରକାରଙ୍କ ଦର ଧାର୍ଯ୍ୟରେ ଧାନ ବିକ୍ରି କରି କଷ୍ଟ ଲାଘବ ପାଇଁ ଚାଷୀ ବ୍ୟାକୁଳ ଥିବାବେଳେ କିଣିବାରେ ନାନାଦି ସମସ୍ୟା ଉଭା ହୋଇଛି। ଜାନୁୟାରୀ ମାସର ପ୍ରଥମାର୍ଦ୍ଧରେ ଧାନ ବିକ୍ରି କରିଦେଇ ମକର ସଂକ୍ରାନ୍ତି ବା ପର୍ବପର୍ବାଣି ପାଳିବା, ଘରର ଆର୍ଥିକ ବୋଝକୁ ହାଲୁକା କରିବା, ଋଣ ପରିଶୋଧ ଆଦି ଭାବନାକୁ ଧୂଳିସାତ ହୋଇଛି। କାହିଁକି ନା ଆଜି ପର୍ଯ୍ୟନ୍ତ ମିଲରଙ୍କ ସହିତ ଚୁକ୍ତିନାମା ହୋଇପାରିନି। ସେପଟେ ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକ ବା କର୍ମଚାରୀଙ୍କ ଆଭ୍ୟନ୍ତରୀଣ ସମସ୍ୟା ମଧ୍ୟ ରହିଛି। ଏସବୁର ସମାଧାନ ନ କରି ଡିଏଲ୍‌ପିସି ବୈଠକର ନିଷ୍ପତ୍ତି ଅନୁସାରେ ଧାନମଣ୍ଡି ଖୋଲାଯାଇଥିବା ବିଭାଗୀୟ ଅଧିକାରୀ କହୁଛନ୍ତି। ମିଲରମାନେ ଧାନକ୍ରୟ ପାଇଁ ଚୁକ୍ତି କରିବେ କେବେ, ପ୍ରାଥମିକ କୃଷି ସମବାୟ ସମିତିର ଆଭ୍ୟନ୍ତରୀଣ ସମସ୍ୟା କେବେ ସମାଧାନ ହେବ, ଚାଷୀ ଧାନ ବିକ୍ରି କରିବେ କେବେ ତାକୁ ନେଇ ଚାଷୀଙ୍କ ମଧ୍ୟରେ ନାନାଦି ଆଶଙ୍କା ସୃଷ୍ଟି ହୋଇଛି। ଅପରପକ୍ଷରେ ମଣ୍ଡି ଖୋଲିଲେ ତୁରନ୍ତ ବିକ୍ରି କରିବା ଆଶାରେ ଅମଳ ଧାନ ଖଳାରେ ସାଇତି ରଖିଛି ଚାଷୀ। ହେଲେ ଜିଲ୍ଲାର ବିଭିନ୍ନ ବ୍ଲକରେ ବନ୍ୟଜନ୍ତୁଙ୍କ ଦୌରାତ୍ମ୍ୟ ସାଙ୍ଗକୁ ଶୀତ ଓ କୁହୁଡିରେ ଥରହର ହୋଇ ଚାଷୀ ନିଦ ହଜିଯାଇଛି। ରାତି ତମାମ ବନ୍ୟଜନ୍ତୁଙ୍କ ଠାରୁ ସୁରକ୍ଷା ପାଇଁ ଧାନଗଦାକୁ ଚାଷୀ ଜଗି ରହିବା ଏବଂ ଦିନରେ ବନ୍ୟଜନ୍ତୁଙ୍କ ଦ୍ୱାରା ନଷ୍ଟ ହୋଇଥିବା ଧାନକୁ ବାଛି ଖଳାରେ ପୁଣି ଏକାଠି କରିବା ଚାଷୀଙ୍କ କଷ୍ଟକୁ ଦ୍ୱିଗୁଣିତ କରୁଛି। ବିଶେଷ କରି ଗୋଷାଣି ବ୍ଲକର ବଡନୀଳାପୁର, ଉତ୍ତରସେଲ୍ଲୀ, ଜଙ୍ଗଲପାଡୁ, ଇଂଲିଶପେଣ୍ଟ, ଗୁରାଣ୍ଡି, ମହାଦେବୀପୁର, ଶରଧାପୁର ଆଦି ଗ୍ରାମାଞ୍ଚଳରେ ବାର୍ହା ଉପଦ୍ରବ ବଢିଚାଲିଛି। ଧାନଖଳାରେ ଚାଷୀ ସାଇତି କରି ରଖିଥିବା ଧାନକୁ ଖାଇବା ସହ ବିକ୍ଷୀପ୍ତ କରୁଥିବା ଚାଷୀ କହିଛନ୍ତି। ସେପଟେ କିଛି ଚାଷୀଙ୍କୁ ଧାନବିକ୍ରି କରିବା ପାଇଁ ମେସେଜ୍ ଆସିଥିଲେ ମଧ୍ୟ ଧାନକ୍ରୟ କରାଯାଉନଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅନ୍ୟପଟେ ବହୁ ଚାଷୀଙ୍କ ଟୋକନ୍ ଇସ୍ୟୁ ମଧ୍ୟ ହୋଇନାହିଁ। ଅସଜଡ଼ା ବ୍ୟବସ୍ଥା ମଧ୍ୟରେ ତରବରିଆ ଭାବେ ଧାନମଣ୍ଡି ଖୋଲି ଦିଆଯାଇଥିଲେ ମଧ୍ୟ ଧାନକ୍ରୟ କରାଯାଉ ନଥିବା, ବନ୍ୟଜନ୍ତୁଙ୍କ ଉପଦ୍ରବକୁ ନେଇ ଚାଷୀକୁଳ ଅତିଷ୍ଟ ହୋଇପଡିଛନ୍ତି। ବାର୍ହା ଉପଦ୍ରବ କେବଳ ଗୋଷାଣି ବ୍ଲକ ନୁହଁ ପାରଳାଖେମୁଣ୍ଡି ସହରାଞ୍ଚଳରେ ମଧ୍ୟ ହେଉଥିବା ଚାଷୀମାନେ କହିଛନ୍ତି। ଏନେଇ ଚାଷୀ ନେତା ସୂର୍ଯ୍ୟନାରାୟଣ ପଟ୍ଟନାୟକ କହିଛନ୍ତି ଯେ, ପୂର୍ବବର୍ଷ ଭଳି ଜିଲ୍ଲାରେ ଧାନକ୍ରୟରେ ବ୍ୟତିକ୍ରମ ଦେଖାଉଛି ପ୍ରଶାସନ। ଧାନମଣ୍ଡି ଖୋଲା ଯିବା ପୂର୍ବରୁ ସମସ୍ତ ବ୍ୟବସ୍ଥା କରାଯିବା କଥା। ହେଲେ ପ୍ରଶାସନ କୌଣସି ବିଧିବଦ୍ଧ ବ୍ୟବସ୍ଥା ନକରି ଧାନମଣ୍ଡି ଖୋଲିବା ଏବଂ ଧାନ ବିକ୍ରୟ ନ ହୋଇପାରିବା ଯୋଗୁ ଚାଷୀ କ୍ଷତିଗ୍ରସ୍ତ ହେଉଛନ୍ତି। ଯଦି ଚାଷୀଙ୍କ ଧାନ ତୁରନ୍ତ କ୍ରୟ କରିବାକୁ ବ୍ୟବସ୍ଥା ନ କରାନଯାଏ ତେବେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ସେ କହିଛନ୍ତି।

# ଭେଣ୍ଡିଂଜୋନ୍‌ରେ ଅଗ୍ନିକାଣ୍ଡ; ଜଳିଗଲା ୭ ଦୋକାନ

ବ୍ରହ୍ମପୁର,୨।୧(ସମିସ)



ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ଫାଷ୍ଟଗେଟ୍ ନିକଟ ଧୋବାବନ୍ଧ ହୁଡ଼ା ଭେଣ୍ଡିଂଜୋନରେ ଅଗ୍ନିକାଣ୍ଡ ଘଟି ୭ ଦୋକାନଗୃହ ଜଳି ଯାଇଛି। ଅଗ୍ନିଶମ ବିଭାଗ ଓ ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିଛନ୍ତି। ବିଏମ୍‌ସି ପକ୍ଷରୁ ନିର୍ମିତ ଏହି ଭେଣ୍ଡିଂଜୋନରେ ଥିବା ଏକ ମୋବାଇଲ ମରାମତି ଦୋକାନ ସହ ନିକଟରେ ଥିବା ଟାୟାର ଦୋକାନ, ୱେଲଡିଂ ଦୋକାନ, ଡ୍ରେସ ଦୋକାନ, ପନିପରିବା ଦୋକାନ, ଫଳ ଦୋକାନରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ସର୍ଟସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଅଗ୍ନିକାଣ୍ଡ ଯୋଗୁ ଏକାଧିକ ଦୋକାନୀଙ୍କ ଲକ୍ଷ ଲକ୍ଷ ଟଙ୍କାର ସାମଗ୍ରୀ ନଷ୍ଟ ହୋଇ ଯାଇଥିବା ଅଭିଯୋଗ ହୋଇଛି।

ଆଜି ସନ୍ଧ୍ୟା ପ୍ରାୟ ୫ଟାବେଳେ ଏହି ଭେଣ୍ଡିଂଜୋନରେ ଥିବା ଏକ ଦୋକାନ ହୁତୁହୁତୁ ହୋଇ ଜଳିବା ଆରମ୍ଭ କରିଥିଲା। ଏହାପରେ ପାଖ ଦୋକାନକୁ ନିଆଁ ବ୍ୟାପିଥିଲା। ଖବରପାଇ ବ୍ରହ୍ମପୁର ଅଗ୍ନିଶମ କେନ୍ଦ୍ର କର୍ମଚାରୀ ୩ଟି ଗାଡ଼ି ସହ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ଅଧ ଘଣ୍ଟା ଭିତରେ ୭ଟି ଦୋକାନ ଜଳି ଯାଇଥିଲା। ଏହି ଭେଣ୍ଡିଂଜୋନରେ ମୋବାଇଲ ସାମଗ୍ରୀ ଓ ଗିଫ୍ଟ ଦୋକାନ କରିଥିବା ସନ୍ତୋଷ ବେହେରାଙ୍କ ଲକ୍ଷାଧିକ ଟଙ୍କାର କ୍ଷତି ହୋଇଛି। ସେ ଧାରଉଧାର କରି ନିକଟରେ ଦୋକାନରେ ସାମଗ୍ରୀ ଭର୍ତ୍ତି କରିଥିଲେ। ହେଲେ ଆଜି ଅଗ୍ନିକାଣ୍ଡ ଯୋଗୁ ତାଙ୍କ ଦୋକାନରେ ଥିବା ୪ ଲକ୍ଷରୁ ଅଧିକ ଟଙ୍କାର ସାମଗ୍ରୀ ପୋଡିଜଳି ନଷ୍ଟ ହୋଇଯାଇଛି ବୋଲି ସେ କହିଛନ୍ତି। ସରକାରଙ୍କ ପକ୍ଷରୁ ସହାୟତା ପ୍ରଦାନ କରାଯିବାକୁ ସେ ଦାବି କରିଛନ୍ତି। ଖବରପାଇ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର ଘଟଣାସ୍ଥଳରେ ପହଞ୍ଚି କ୍ଷତିଗ୍ରସ୍ତ ଦୋକାନୀଙ୍କ ସହ ଆଲୋଚନା କରିଥିଲେ। ଆବଶ୍ୟକୀୟ ସହାୟତା ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଥିଲେ। ସେହିପରି ସ୍ଥାନୀୟ ବିଜେପି ନେତା ତଥା ଆଇନଜୀବୀ ଅଶୋକ ଶୁକ୍ଳ ପହଞ୍ଚି ଅନୁଧ୍ୟାନ କରିଥିଲେ। ସର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି ବୋଲି କହିବା ସହ ଏହି ଭେଣ୍ଡିଂଜୋନର ଦୋକାନଗୃହ ଟିଣରେ ନିର୍ମିତ ହୋଇଛି ଏବଂ ସେଗୁଡ଼ିକୁ ପକ୍କା କରିବାକୁ ପୂର୍ବରୁ ବିଏମସି କମିଶନରଙ୍କ ସହ ଆଲୋଚନା କରାଯାଇଛି ବୋଲି କହିଥିଲେ।

# ଆଇନ ସଚେତନତା ଶିବିର



ଛତ୍ରପୁର/ଗଞ୍ଜାମ,୨।୧(ସମିସ): ଛତ୍ରପୁର ତାଲୁକ ଆଇନ ସେବା କମିଟି ପକ୍ଷରୁ ଗଞ୍ଜାମ ସ୍ଥିତ ଗ୍ରାସିମ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ପରିସରରେ "ପରିବେଶଗତ ନ୍ୟାୟ' ସମ୍ବନ୍ଧୀୟ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଦୌରାଜଜ ପ୍ରଦୀପ କୁମାର ସାମଲଙ୍କ ଅଧ୍ୟକ୍ଷତା କରି ଆଇନର ବିଭିନ୍ନ ଦିଗରେ ଉପରେ ସଚେତନତା କରିଥିଲେ। ଏହା ସହିତ ସମସ୍ତେ ବୃକ୍ଷରୋପଣ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଏସଡିଜେଏମ ପ୍ରୀତିଶ କୁମାର ରଥ, ଗଞ୍ଜାମ ତହସିଲଦାର ସୁକାନ୍ତ ମିଶ୍ର, ତାଲୁକ ଆଇନ ସେବା କମିଟିର ସଭ୍ୟ ମନୋଜ କୁମାର ପାଢ଼ୀ, ଛତ୍ରପୁର ଓକିଲ ସଂଘ ସମ୍ପାଦକ ଏସ. ଶ୍ୟାମକୁମାର ରାଓ, ଗ୍ରାସୀମ ଇଣ୍ଡଷ୍ଟ୍ରିଜର ଫାଇନାନ୍ସ ହେଡ଼ ବିଜୟ ବ୍ରହ୍ମା ଓ ଏଚଆର ହେଡ଼ ନିରୋଜ ପଟ୍ଟନାୟକ ଓ ପିଆର ସୁସ୍ମିତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ସମବାୟ ସମିତି ଗୋଦାମ ଗୃହ ଉଦ୍‌ଘାଟିତ



ପାତ୍ରପୁର,୨।୧(ସମିସ): ପାତ୍ରପୁର ବ୍ଲକ ବରଙ୍ଗ ପଞ୍ଚାୟତ ଅନ୍ତର୍ଗତ ଲଙ୍କା ଗ୍ରାମରେ ଠାରେ ପୂର୍ତ୍ତ ବିଭାଗ ତରଫରୁ ପ୍ରାୟ ୫୦ ଲକ୍ଷ ଟଙ୍କାରେ ନିର୍ମାଣ ହୋଇଥିବା ନୂତନ ସେବା ସମବାୟ ସମିତି ଗୋଦାମ ଗୃହକୁ ଶୁକ୍ରବାର ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଉଦଘାଟନ କରିଛନ୍ତି। ଉଦଘାଟନ ସମୟରେ ବିଧାୟକ ନିଜର ବକ୍ତବ୍ୟ ରଖି ବିଜେପି ସରକାର ଆସିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଚାଷୀ ମାନେ କିପରି ଉନ୍ନତି ହୋଇ ପାରିବେ ସେ ଦିଗରେ ଦୃଢ଼ ପଦକ୍ଷେପ ନେଉଥିବା କହିଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ବ୍ରହ୍ମପୁର ସାଂସଦ ପ୍ରତିନିଧି ମୀନା ଦ୍ୟାନ ସାମନ୍ତରା, ବରଙ୍ଗ ସରପଞ୍ଚ ଭି .ଦେବୀ ପ୍ରସାଦ, ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଚନ୍ଦ୍ରୟ ମାରାଣ୍ଡି, ଚିକିଟୀ କନିଷ୍ଠ ଯନ୍ତ୍ରୀ ସ୍ୱରାଜ୍ୟ ପାଣିଗ୍ରାହୀ, ଅଶୋକ ପଣ୍ଡାଙ୍କ ସହିତ ବହୁ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ଶଶିଭୂଷଣ ରଥଙ୍କ ଜୟନ୍ତୀ ପାଳିତ



ଭଞ୍ଜନଗର,୨।୧(ସମିସ): ଓଡ଼ିଶା ରାଜ୍ୟ ଗଠନରେ ପ୍ରମୂଖ ଭୂମିକା ଗ୍ରହଣ କରିଥିବା ସମାଜସଂସ୍କାରକମହାନସ୍ୱାଧୀନତାସଂଗ୍ରାମୀ ଶଶିଭୂଷଣ ରଥଙ୍କ ୧୪୨ ଜୟନ୍ତୀ କବିସମ୍ରାଟ ସାହିତ୍ୟ ସଂସଦ ଏବଂ ପୂଜ୍ୟପୂଜା ସଂସଦର ମିଳିତ ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ସଭାପତି ଡକ୍ଟର ସୁରେଶ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଶିବ ପ୍ରସାଦର ଅଧିକାରୀ। ଏହି ଅବସରରେ ତାଙ୍କୁ ଶଶିଭୂଷଣ ସମ୍ମାନ ପ୍ରଦାନ କରାଯାଇଥିଲା। ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଅଧ୍ୟକ୍ଷ ଡକ୍ଟର କମ୍ବୁପାଣି ସାମନ୍ତ ଯୋଗଦେଇ ଶଶି ଭୂଷଣ ରଥଙ୍କ ଗୁଣଗାନ କରିଥିଲେ। ବିଶିଷ୍ଟ ଅତିଥି କବି, କଥାକାର, ନୋଟେରୀ ସୋମନାଥ ନାୟକ ଯୋଗଦେଇ ୧୯୨୨ ମସିହାରେ ଗୋପାଳପୁର ଠାରୁ ରସୁଲକୋଣ୍ଡା ରେଳପଥ ନିର୍ମାଣ ପାଇଁ ତାଙ୍କ ଉଦ୍ୟମକୁ ସ୍ମରଣ କରିଥିଲେ। ସମ୍ମାନିତ ଅତିଥିଭାବେ ଉମାଶଙ୍କର ଦାଶ, ଜୟନ୍ତୀ ପଡ଼ିଆରୀ, କବିସମ୍ରାଟ ମିଡ଼ିଆ କ୍ଲବର ସଭାପତି ପ୍ରଦୀପ କୁମାର ସ୍ୱାଇଁ, ସମ୍ପାଦକ ଚିନ୍ମୟ କୁମାର ବେବର୍ତ୍ତା ନିଜ ନିଜ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ଦୁର୍ଗାପ୍ରସାଦ ଦାଶ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବାବେଳେ ପିତାମ୍ବର ପରିଡ଼ା ମାନପତ୍ର ପାଠକରିଥିଲେ। ପ୍ରଫେସର ଶିବରାମ ପଣ୍ଡା, ରବୀନ୍ଦ୍ରନାଥ ଆଚାର୍ଯ୍ୟ, ବିଶ୍ୱଧର ଷଡ଼ଙ୍ଗୀ, ଉପେନ୍ଦ୍ର କୁମାର ଶତପଥୀ, ଜଗଦୀଶ ପାଣିଗ୍ରାହୀ, ସୀମର ନାୟକ, ବବିରଥ, ରବିନ୍ଦ୍ର ପାତ୍ର ପ୍ରମୁଖ ବହୁ ସାହିତ୍ୟିକ ଏହି ଉତ୍ସବରେ ଯୋଗଦେଇଥିଲେ। ଶେଷରେ ଗୋବରା ଉପେନ୍ଦ୍ର ଭଞ୍ଜ ସାହିତ୍ୟ ସଂସଦର ସଭାପତି ଗୋପାଳ ଚନ୍ଦ୍ର ଲେଙ୍କା ଧନ୍ୟବାଦ ପ୍ରଦାନ କରିଥିଲେ।

# ଅସହାୟଙ୍କୁ ଶୀତବସ୍ତ୍ର ବଣ୍ଟନ



ଛତ୍ରପୁର,୨।୧(ସମିସ): ଛତ୍ରପୁର ତାଡେପଲ୍ଲୀ ସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଯଶୋଦା ଫାଉଣ୍ଡେସନ୍ ପକ୍ଷରୁ ଟ୍ରଷ୍ଟି ସାଗରିକା ପଣ୍ଡାଙ୍କ ପୌରହିତ୍ୟରେ ଶୀତବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଧେଶ୍ୟାମ ଫାଉଣ୍ଡେସନ ଏଣ୍ଡ ଚାରିଟେବୁଲ ଟ୍ରଷ୍ଟର ସଭାପତି ଦେବାଶିଷ ମିଶ୍ର, ସମ୍ମାନିତ ଅତିଥି ଭାବେ ଆଇନଜୀବୀ ଡ଼ଃ ପ୍ରଶାନ୍ତ କୁମାର ଶତପଥି ଯୋଗଦେଇ ଛତ୍ରପୁର ବ୍ଲକ ଭିକାରିପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ବଗଡ଼ପଲ୍ଲୀ ଗ୍ରାମର ଗରିବ ବୃଦ୍ଧବୃଦ୍ଧାଙ୍କୁ ଶୀତ ବସ୍ତ୍ର ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମକୁ ଟ୍ରଷ୍ଟି ଶ୍ରୀମତୀ ପଣ୍ଡା ଓ ପୁଷ୍ପାଞ୍ଜଳି ସାହୁ ପରିଚାଳନାରେ ସହଯୋଗ କରିଥିଲେ।

# କର୍କଟ ପୀଡ଼ିତଙ୍କୁ ଏସ୍‌ଡିପି ଦାନ କଲେ ସ୍ୱେଚ୍ଛାସେବୀ



କୋଦଳା,୨।୧(ସମିସ): ବର୍ତ୍ତମାନ ପରିସ୍ଥିତିରେ କ୍ୟାନ୍ସର ରୋଗୀଙ୍କ ପାଇଁ ପ୍ଲେଟଲେଟ ବହୁଳ ପରିମାଣରେ ଆବଶ୍ୟକ ପଡୁଛି। ଏଥିପାଇଁ ଏସଡ଼ିପି ଦାନ କରିବାକୁ ସ୍ୱେଚ୍ଛାସେବୀଙ୍କ ଆବଶ୍ୟକତା ପଡିଥାଏ। ଗଞ୍ଜାମ ଜିଲ୍ଲାରେ ଏହି ସ୍ୱେଚ୍ଛାସେବୀଙ୍କ ସଂଖ୍ୟା କମ ଦେଖାଯାଉଥିବା ବେଳେ ଏହି ଜଟିଳ ପରିସ୍ଥିତିରେ ଅଣ୍ଟା ଭିଡିଲେ ରକ୍ତଦାନ କ୍ଷେତ୍ରରେ ଅଗ୍ରଣୀ ଭୂମିକା ନେଇଥିବା ଗଞ୍ଜାମ ଜିଲ୍ଲା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜୀବନ ଧାରା ପରିବାରର ଦୁଇ ଯୁବ ସ୍ୱେଚ୍ଛାସେବୀ ଆଶିଷ କୁମାର ବାଗତି ଓ ଦୀପକ ପୋଲାଇ। ଉଭୟ ଏସଡ଼ିପି ଦେବାକୁ ଆଗ୍ରହ ପ୍ରକାଶ କରି ଗୁରୁବାର ନୂତନ ବର୍ଷର ପ୍ରାରମ୍ଭ ଦିନରେ ବ୍ରହ୍ମପୁର ରକ୍ତଭଣ୍ଡାରରେ ପହଞ୍ଚି ଏସଡ଼ିପି ଦାନ କରିଛନ୍ତି। ପୂର୍ବରୁ ମଧ୍ୟ ଏହି ଅନୁଷ୍ଠାନର ସଦସ୍ୟ ସନ୍ତୋଷ କୁମାର ପୋଲାଇ ଏକ ଜରୁରୀ ପରିସ୍ଥିତିରେ ଏସଡ଼ିପି ଦାନ କରି ଅନ୍ୟର ଜୀବନ ବଞ୍ଚାଇଥିଲେ।

## ଏଲିଟ୍ ମହିଳା ଜାତୀୟ ଚାମ୍ପିଅନ୍‌ସିପ୍

# ଗଞ୍ଜାମର ୪ ମହିଳା ବକ୍ସର



ବ୍ରହ୍ମପୁର,୨।୧(ସମିସ): ଉତ୍ତରପ୍ରଦେଶର ନୋଏଡାରେ ଚଳିତମାସ ୪ରୁ ୧୦ତାରିଖ ପର୍ଯ୍ୟନ୍ତ ୯ମ ଏଲିଟ୍ ମହିଳା ଜାତୀୟ ଚାମ୍ପିଅନସିପ ଆୟୋଜିତ ହେବ। ଏଥିରେ ଗଞ୍ଜାମ ଜିଲ୍ଲାର ୪ଜଣ ମହିଳା ବକ୍ସରଙ୍କ ସମେତ ୨ଜଣ କୋଚ୍ ଓଡ଼ିଶା ବକ୍ସିଂ ଦଳରେ ସ୍ଥାନ ପାଇଛନ୍ତି। ସେମାନେ ହେଲେ ଏ. ରିତୁ ରାଓ, ମନସ୍ୱିନୀ ସାବତ, ସୃତିଶା ପାଣିଗ୍ରାହୀ ଓ ଶ୍ୟାମା ମୁଖୀ ଏବଂ କୋଚ୍ ମ୍ୟାନେଜର ମାନେ ହେଲେ ରେଣୁ ମହାପାତ୍ର ଓ ବୁଲୁ ପାତ୍ର। ଏହି ଦଳ ସହ ଆନ୍ତର୍ଜାତୀୟ ବକ୍ସିଂ ରେଫରି ତଥା ସ୍ଥାନୀୟ ବକ୍ସିଂ କୋଚ୍ ଶିଶିର କୁମାର ପାଣିଗ୍ରାହୀ ମଧ୍ୟ ଯାତ୍ରା କରିଛନ୍ତି। ଏହି ପ୍ରତିଯୋଗିତା ବକ୍ସିଂ ଫେଡରେସନ ଅଫ ଇଣ୍ଡିଆ ଅନୁମତି କ୍ରମେ ଆନୁକୁଲ୍ୟରେ ଉତ୍ତର ପ୍ରଦେଶ ରାଜ୍ୟର ଗ୍ରେଟର ନୋଏଡା ସ୍ଥିତ ଗୌତମ ବୁଦ୍ଧ ୟୁନିଭର୍ସିଟୀରେ ଅନୁଷ୍ଠିତ ହେବ ବୋଲି ଗଞ୍ଜାମ ଜିଲ୍ଲାର କ୍ରିଡ଼ା ସଂଘର ବକ୍ସିଂ ସମ୍ପାଦକ କେ. ପ୍ରଭାକର ରାଓ ଓ ଜିଡ଼ିଏ ସମ୍ପାଦକ ଜେ. କାମେଶ୍ୱର ରାଓ ଜଣାଇଛନ୍ତି। ସମସ୍ତ ବକ୍ସର ବ୍ରହ୍ମପୁର ସହରର ମହାରା ଗାନ୍ଧୀ ଷ୍ଟାଡିୟମ୍‌ରେ ଅଭ୍ୟାସ କରୁଛନ୍ତି। ଏହି ବକ୍ସର ମାନଙ୍କୁ ବକ୍ସିଂ କୋଚ୍ ତଥା ରାଜ୍ୟ ରେଫରି ଶିବରାମ ପାତ୍ର, ଲଡୁ କିଶୋର ସାହୁ, ଅଶୋକ ସାହୁ, ବାବୁ ରାଓ, ଶରତ ମହାପାତ୍ର, ବସନ୍ତ ପାଣିଗ୍ରାହୀ, କାଳୁ ଚରଣ ପାଣିଗ୍ରାହୀ, କାଜଲ ସାହୁ, ସଞ୍ଜୀବ ସାହୁ, ସୀତା ଜେନାଙ୍କ ସମେତ ଗଞ୍ଜାମ ଜିଲ୍ଲାର କ୍ରିଡ଼ା ସଂଘର ସମସ୍ତ ସଦସ୍ୟ ଶୁଭେଚ୍ଛା ଜଣାଇଛନ୍ତି।

# ନବଜାତକଙ୍କୁ ଜନ୍ମଦିନରେ ପ୍ରମାଣପତ୍ର



ଆସିକା,୨।୧(ସମିସ): ଆସିକା ଉପ ଖଣ୍ଡ ଚିକିତ୍ସାଳୟରେ ଶୁକ୍ରବାର ଦିନ ପ୍ରଥମ ଥର ଜନ୍ମିତ ଶିଶୁକୁ ଜନ୍ମର ପ୍ରଥମ ଦିନରେ ହିଁ ଜନ୍ମ ପ୍ରମାଣ ପତ୍ର ପ୍ରଦାନ କରାଯାଇଛି। ନୂଆବର୍ଷରୁ ଆରମ୍ଭ ହୋଇଛି ଏହି ଯୋଜନା। ଜନ୍ମିତ ଶିଶୁର ଅଭିଭାବକ ମାନେ ନାମକୁ ଫର୍ମରେ ଲିଖିତ ଦେଇ ଆବେଦନ କରିବା ସାଙ୍ଗେ ସାଙ୍ଗେ ଏହି ପ୍ରମାଣପତ୍ର ନେଇ ପାରିବ ବୋଲି ମେଡିକାଲର ଅଧୀକ୍ଷକ ଡାକ୍ତର ବାଲ ଗୋପାଳ ବେହେରା ସୂଚନାଦେଇଛନ୍ତି। ନୂତନବର୍ଷଦିନହିଁ ଦୁଇଟି ଜନ୍ମିତ ନବଜାତ ଶିଶୁର ଜନ୍ମ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଏହି ଅଭିଯାନରେ ଡାକ୍ତର ଦୀପକ କୁମାର ସାମନ୍ତରାୟ, ଡାକ୍ତର ଆଶୁତୋଷ ପଟ୍ଟନାୟକ, ଡାକ୍ତର ପ୍ରିୟଦର୍ଶିନୀ ବେହେରା, ଡାକ୍ତର ପି. ଶ୍ୟାମସୁନ୍ଦର, ଡାକ୍ତର ଗୋପାଳଚନ୍ଦ୍ର ପାତ୍ର, ଡାକ୍ତର ନିଶିକାନ୍ତ ପଣ୍ଡା, ଡାକ୍ତର ଆଦିତ୍ୟ ଦାଶ, ଡାକ୍ତର ସଂଗ୍ରାମ ସାହୁ, ଡାକ୍ତର ସତ୍ୟପ୍ରଜ୍ଞା ପଟ୍ଟନାୟକ, ଡାକ୍ତର ସୁରୁ ପ୍ରକାଶ ଦାଶ, ଡାକ୍ତର ସତୀଶ ପାତ୍ର, ଡାକ୍ତର ସୋମ୍ୟଶ୍ରୀ ସାହୁଙ୍କ ସମେତ ସ୍ୱାସ୍ଥ୍ୟକର୍ମୀ ପ୍ରଭାତୀ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ଏ. ବି. ବର୍ଦ୍ଧନଙ୍କ ନବମ ସ୍ମୃତିସଭା



ଛତ୍ରପୁର,୨।୧(ସମିସ): ସ୍ଥାନୀୟ ଲକ୍ଷ୍ମଣ ଭବନରେ ବିଶିଷ୍ଟ କମ୍ୟୁନିଷ୍ଟ ନେତା ତଥା ବାମପନ୍ଥୀ ଆନ୍ଦୋଳନର କର୍ଣ୍ଣ ଧାର ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ପୂର୍ବତନ ସର୍ବଭାରତୀୟ ସାଧାରଣ ସମ୍ପାଦକ ଏ. ବି. ବର୍ଦ୍ଧନଙ୍କ ୯ମ ସ୍ମୃତିସଭା ପ୍ରଫୁଲ୍ଲ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଏନ. ନାରାୟଣ ରେଡ଼ି ଯୋଗଦେଇ କେନ୍ଦ୍ର ଶାସିତ ମୋଦି ସରକାର ଆସିଲା ପରେ ଶ୍ରମିକ ଓ କୃଷକ ବିରୋଧୀ ନୀତି ଆପଣେଇଛନ୍ତି। ଫାସିବାଦୀ ଶକ୍ତି ମୋଦି ସରକାରଙ୍କୁ ହଟାଇବା ନିମନ୍ତେ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଜିଲ୍ଲା ସହ ସମ୍ପାଦକ ନୀଳକଣ୍ଠ ଦାଶ, ନାରୀ ନେତ୍ରୀ ଏନ. ଭାନୁମତି ରେଡି, ଏନ. ଗିରିଜାପ୍ରସାଦ ରେଡ଼ି, ଏସ. ତ୍ରିନାଥ ରେଡ଼ି, ଆଦିତ୍ୟ ନାରାୟଣ ମିଶ୍ର, କେଶବ ନାହାକ, ନବୀନଚନ୍ଦ୍ର ଗୌଡ଼, ସୁକାନ୍ତ ଆଚାରୀ, ଛାତ୍ର ନେତା ଅନୁରାଗ ମିଶ୍ର, ରାଜେନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇ ବର୍ଦ୍ଧନଙ୍କ ସ୍ମୃତିଚାରଣ କରିଥିଲେ।

# ଗାରାବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ ସେବା ଠପ୍

ପାରଳାଖେମୁଣ୍ଡି,୨।୧(ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଅନ୍ତର୍ଗତ ଗାରାବନ୍ଧ ଠାରେ ଥିବା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ତଥା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ ସେବା ଠପ୍ ହୋଇପଡ଼ିଛି। ଏଠାରେ ଡାକ୍ତର ନାହାନ୍ତି କି ଫାର୍ମାସିଷ୍ଟ ନାହାନ୍ତି। ଏଠାରେ କେବଳ ଆୟୁଷ ଡାକ୍ତର ଜଣକ ଚିକିତ୍ସା କରୁଛନ୍ତି। ଏଲୋପଥି ଚିକିତ୍ସା ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଛି। ସୂଚନାରୁ ଜଣାପଡ଼ିଛି ଯେ, କିଛି ବର୍ଷ ପୂର୍ବେ ଜଣେ ଅବସରପ୍ରାପ୍ତ ଡାକ୍ତରଙ୍କୁ ଏଠାରେ କାମଚଳା ଭାବେ ନିଯୁକ୍ତି ଦିଆଯାଇଥିଲା। ତେବେ ସେ କିଛି ମାସ ପୂର୍ବେ କାମରୁ ବିରତ ନେଇଛନ୍ତି। ଏଥି କରିବା ଫଳରେ ଏବେ ରୋଗୀସେବା ସମ୍ପୂର୍ଣ୍ଣ ଭାବେ ଠପ୍ ହୋଇପଡିଛି। ଦିନ ଥିଲା ଗାରାବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଅଞ୍ଚଳରେ ରୋଗୀସେବା ପାଇଁ ଖ୍ୟାତି ରହିଥିଲା। ହେଲେ ଏବେ ସମ୍ପୂର୍ଣ୍ଣ ଭାବେ ରୋଗୀସେବା କହିଲେ ଆୟୁଷ ସେବା ହିଁ ଚାଲୁ ରହିଛି। ଏହି ଗାରାବନ୍ଧ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଗୋଷାଣି ବ୍ଲକର ୫ରୁ ଉର୍ଦ୍ଧ୍ୱ ପଞ୍ଚାୟତ ସମେତ ରାୟଗଡ ବ୍ଲକର ୩ରୁ ଉର୍ଦ୍ଧ୍ୱ ହଜାର ହଜାର ପଞ୍ଚାୟତବାସୀ ନିର୍ଭର କରୁଛନ୍ତି। ଡାକ୍ତର କି ଫାର୍ମାସିଷ୍ଟ ନଥିବା ଯୋଗୁ ଲୋକେ ପ୍ରାଥମିକ ସେବା ପାଇବା ତ ଦୂରର କଥା ଜ୍ୱର, ଥଣ୍ଡା ହେଲେ




ଔଷଧ ପାଇପାରୁନାହାନ୍ତି। ଏବେ ଏହା ଭୂତକୋଠୀ ପାଲଟିବାକୁ ଲାଗିଲାଣି ବୋଲି ଅଞ୍ଚଳବାସୀ କହିଛନ୍ତି। ପୂର୍ବରୁ ଏଠାରେ ଜଣେ ଫାର୍ମାସିଷ୍ଟ ନିଯୁକ୍ତ ଥିଲେ। ତେବେ ତାଙ୍କ ଅବସର ପରେ ସେହି ପଦବୀରେ କାହାରିକୁ ନିଯୁକ୍ତି ଦିଆଯାଇ ନାହିଁ। ଉଭୟ ଡାକ୍ତର ଓ ଫାର୍ମାସିଷ୍ଟଙ୍କ ସ୍ଥାନରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ନିଯୁକ୍ତି ନ ଦେଲେ। ତୁରନ୍ତ ଡାକ୍ତରଙ୍କ ସହ ଫାର୍ମାସିଷ୍ଟ ନିଯୁକ୍ତି ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଚିତ୍ରକଳା ବିଦ୍ୟାଳୟରେ କ୍ୟାଲେଣ୍ଡର ଉନ୍ମୋଚିତ



ଦିଗପହଣ୍ଡି,୨।୧(ସମିସ): ଦିଗପହଣ୍ଡି କୋର୍ଟ କଲୋନୀରେ ଥିବା ଖେମୁଣ୍ଡି ଚିତ୍ରକଳା ବିଦ୍ୟାଳୟ ପରିସରରେ ଶୁକ୍ରବାର ସନ୍ଧ୍ୟାରେ ଆଲୋଚନାସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ଆଇନଜୀବୀ କୁରେଶୁ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଦ୍ୟାଳୟର ଅଭାବ ଅସୁବିଧା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବିଦ୍ୟାଳୟର ଅନ୍ୟତମ ଉଦ୍ୟୋକ୍ତା ତଥା ଅବସରପ୍ରାପ୍ତ ଶିକ୍ଷକ ରାମାନୁଜ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଉପସ୍ଥିତ ରହି ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଉଦବୋଧନ ଦେଇ ବିଭିନ୍ନ ନୀତିବାଣୀ ଜରିଆରେ ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ। ଦିଗପହଣ୍ଡି ପ୍ରେସ କ୍ଲବ୍ ସଭାପତି ତଥା ଆଇନଜୀବୀ ଅଶେଷ ନାଥ ମିଶ୍ର, ଛଣମେରି ଗ୍ରାମ ହାଇସ୍କୁଲର ଆର୍ଟ ଶିକ୍ଷକ ତଥା ବିଶିଷ୍ଟ ଚିତ୍ରଶିଳ୍ପୀ ଅମର ନାୟକ, ଅଧ୍ୟାପିକା କଳ୍ପନା ପୁରୋହିତ, ଆର୍ଟ ଶିକ୍ଷକ ପ୍ରଭାତ ପାଢ଼ୀ, ଚିତ୍ରଶିଳ୍ପୀ ସୁଶିଲ କୁମାର ନାୟକ, ସୁରେନ୍ଦ୍ରନାଥ ମାର୍ଥା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବିଦ୍ୟାଳୟ ପକ୍ଷରୁ ମୁଦ୍ରିତ ନୂଆବର୍ଷ କ୍ୟାଲେଣ୍ଡରକୁ ଅତିଥିବୃନ୍ଦ ଉନ୍ମୋଚନ କରିଥିଲେ। ସମସ୍ତ ଛାତ୍ରଛାତ୍ରଙ୍କୁ କ୍ୟାଲେଣ୍ଡର ବଣ୍ଟନ କରାଯାଇଥିଲା।

## ପ୍ରଭାକର ସ୍ମାରକୀ ଭଲିବଲ୍ ଟୁର୍ଣ୍ଣାମେଣ୍ଟ

# ବ୍ରହ୍ମପୁର ପାୱାର ସିକ୍ସ ବିଜୟୀ



ଦିଗପହଣ୍ଡି,୨।୧(ସମିସ)

ଦିଗପହଣ୍ଡି ମିନି ଷ୍ଟାଡିୟମରେ ସ୍ୱର୍ଗତ ବି.ପ୍ରଭାକର ରେଡ୍ଡୀ ସ୍ମାରକୀ ଭଲିବଲ ଟୁର୍ଣ୍ଣାମେଣ୍ଟର ୫ମ ଦିବସ ଶୁକ୍ରବାର ପ୍ରଥମ ସେମି ଫାଇନାଲ ମ୍ୟାଚ୍‌ରେ ବ୍ରହ୍ମପୁରର ପାୱାର ସିକ୍ସ ଭଲିବଲ ଟିମ୍ ପ୍ରତିପକ୍ଷ କନ୍ଧମାଳ ଜିଲ୍ଲା ଦାରିଙ୍ଗିବାଡି ଭଲିବଲ ଟିମ୍‌କୁ ପରାଜିତ କରି ଫାଇନାଲ ମ୍ୟାଚ୍‌କୁ ଉନ୍ନୀତ ହୋଇଛି। ସ୍ଥାନୀୟ ଖେମୁଣ୍ଡି ସ୍ପୋର୍ଟିଙ୍ଗ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ଟୁର୍ଣ୍ଣାମେଣ୍ଟର ୫ମ ଦିବସ ସେମି ଫାଇନାଲ ମ୍ୟାଚକୁ ଦିଗପହଣ୍ଡି ଏନଏସିର ପ୍ରାକ୍ତନ ଅଧ୍ୟକ୍ଷ ଭି.ରବିନାରାୟଣ ରାଜୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ପୂର୍ବତନ କାଉନସିଲର ନିରୁପମା ପଟ୍ଟନାୟକ, କାଉନସିଲର ନୀଳମାଧବ ଗୌଡ଼, ସୁଶାନ୍ତ କୁମାର ପାତ୍ର, ସାମାଜିକ କର୍ମୀ ତାରା ପ୍ରସାଦ ପଟ୍ଟନାୟକ, ରମେଶ ଚନ୍ଦ୍ର ଜେନା, ନିଗମ ପ୍ରସାଦ ପଣ୍ଡା, ପ୍ରଶାନ୍ତ କୁମାର ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଟୁର୍ଣ୍ଣାମେଣ୍ଟ ଆୟୋଜକ ଅର୍ଦ୍ଧୁ ଗୋବିନ୍ଦଙ୍କ ସଂଯୋଜନାରେ ଆୟୋଜିତ ମ୍ୟାଚ୍ ଉଦଘାଟନୀ କାର୍ଯ୍ୟକ୍ରମରେ ଟୁର୍ଣ୍ଣାମେଣ୍ଟ ପରିଚାଳନା କମିଟି ସଭାପତି ଶିବଶଙ୍କର ମହାକୁଡ, ସମ୍ପାଦକ ବିଚିତ୍ରାନନ୍ଦ ପଟ୍ଟନାୟକ, ପରିଚାଳନା କମିଟି କାର୍ଯ୍ୟକର୍ତ୍ତା ଏ . ସାକିଲି, ବାରିକ ବେହେରା, ଲୋକନାଥ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଗୋବିନ୍ଦ ନାୟକ ରେଫେରି ଭାବେ ମ୍ୟାଚ ପରିଚାଳନା କରିଥିବା ବେଳେ ଦାରିଙ୍ଗିବାଡି ଭଲିବଲ ଟିମ୍‌ର ଶ୍ରେଷ୍ଠ ଖେଳାଳି ଅମନ ନାୟକଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ଘୋଷଣା କରାଯାଇ ଅନ୍ୟତମ ଅତିଥି ଚିକିଟିର ବ୍ୟବସାୟୀ ସିମାଞ୍ଚଳ ପାଢ଼ୀଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଖେମୁଣ୍ଡି ସ୍ପୋର୍ଟିଙ୍ଗ କ୍ଲବ ସଦସ୍ୟ ହୃଦୟ ନନ୍ଦ, ସମୀର କୁମାର ପଣ୍ଡା, ସନାତନ ରେଡ୍ଡୀ, ନରେନ୍ଦ୍ର ସାହୁ, ବୈକୁଣ୍ଠ ନାଥ ସ୍ୱାଇଁଙ୍କ ସମେତ ସଭ୍ୟ ବୃନ୍ଦ ମ୍ୟାଚ୍ ସହଯୋଗ କରିଥିଲେ।

